## ସଂକ୍ଷେପରେ

### ୧୪ ଚୋରି ମୋବାଇଲ୍ ଫୋନ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆରୋଡ ଅଞ୍ଚଳରେ ଥିବା ଏକ ମୋବାଇଲ୍ ଫୋନ୍ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବା ଭାଗ୍ୟବନ୍ତ ମିଶ୍ର ଓ ଜାଗମରା ବାରଭୁଜା ବସ୍ତିରେ ରହୁଥିବା ଦୀପକ କୁମାର ରାଉତ। ପୋଲିସ ସେମାନଙ୍କ ନିକଟରୁ ୧୪ ଚୋରି ମୋବାଇଲ ଫୋନ୍ ଜବତ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଗୋପାଳ ସ୍ୱାଇଁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋର୍‌ଦାର ଉଦ୍ୟମ ଚଳାଇଥିବା ଜଣାପଡିଛି। ସୂଚନା ମୁତାବକ, ଜାଗମରା ନୂଆ ରୋଡ୍‌ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଦେବରାଜ ମିଶ୍ରଙ୍କର ମୋବାଇଲ ଦୋକାନ ରହିଛି। ଗତ ୨୮ ତାରିଖ ବିଳମ୍ବିତ ରାତିରେ ୩ ଅଭିଯୁକ୍ତ ଦୋକାନ ଶଟର ତାଡି ୪୦ ମୋବାଇଲ ଫୋନ୍ ଚୋରି କରି ନେଇଥିଲେ। ଦେବରାଜ ପରଦିନ ଏ ସଂକ୍ରାନ୍ତରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୬/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ଧରିବାକୁ ଚଢ଼ାଉ କରିଥିଲା। ଅଭିଯୁକ୍ତ ଭାଗ୍ୟବନ୍ତଙ୍କୁ ଧରିବା ପରେ ତାଙ୍କ ନିକଟରୁ ୫ ମୋବାଇଲ ଫୋନ୍ ଓ ଅନ୍ୟତମ ଅଭିଯୁକ୍ତ ଦୀପକଙ୍କ ନିକଟରୁ ୯ ମୋବାଇଲ ଫୋନ ମିଳିଥିଲା। ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ପୋଲିସ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ମାରପିଟ ଘଟଣା, ୬ ମାସ ପରେ ଅଭିଯୁକ୍ତ ଗିରଫ

**କଟକ ରୋଡ,୨୩।୨(ଡି.ଏନ.ଏ):** ଏକ ମାରପିଟ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୬ମାସ ପରେ ରବିବାର ଲକ୍ଷ୍ମୀସାଗର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବୁଦ୍ଧେଶ୍ୱରୀ କଲୋନୀ ପୁରୁଣା ପୋଷ୍ଟ ଅଫିସ ଲେନରେ ରହୁଥିବା ଆଶିଷ ନାୟର ଓରଫ ଗେଡୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୯ ଜୁଲାଇ ମାସରେ ଗେଡୁଙ୍କ ସହ ୩ ଅଭିଯକ୍ତ ଏହି ଥାନା ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଶ୍ରୀନିବାସ ସାମନ୍ତରାୟଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ମାଡ଼ ମାରିବା ପରେ ପୁଣି ତାଙ୍କ ଘର ନିକଟରେ ଫୋପାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ମାମଲା ନଂ ୧୯୭/୧୯ ରୁଜୁ ହୋଇଥିଲା। ଏହି ଘଟଣାରେ ଅନ୍ୟ ୨ଜଣ ଅଭିଯକ୍ତ ଫେରାର ରହିଥିବା ପୋଲିସ କହିଛି।

### ରବୀନ୍ଦ୍ର ହେଲେ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀ ବିଜେଡ଼ି ସଭାପତି

କଟକ ରୋଡ,୨୩।୨(ଡି.ଏନ.ଏ)- ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀ ପାଇଁ ନୂତନ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀ ପାଇଁ ରବୀନ୍ଦ୍ର ନାଥ ଛୋଟରାୟ, ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ସମର୍ଥା ଓ ସୂର୍ଯ୍ୟକାନ୍ତ ଜେନାଙ୍କ ଉତ୍ତର ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତି ଦିଆଯାଇଥିବା ଜିଲା ରିଟର୍ଣ୍ଣିଂ ଅଧିକାରୀ ଶେଖ ନିଜାମ ଉଦ୍ଦିନ ଜଣାଇଛନ୍ତି।

### ୧୯୮୩ ଜୁନିୟର ବ୍ୟାଚ ବନ୍ଧୁମିଳନ

**ବାଲିପାଟଣା,୨୩।୨(ଡି.ଏନ.ଏ):** ବାଲିପାଟଣାସ୍ଥିତ ଶ୍ରୀ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ୧୯୮୩ ଜୁନିୟର ବ୍ୟାଚର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ବୁଦ୍ଧନାଥ ଦେବଙ୍କ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅଧାପକ ଅନ୍ତର୍ଯାମୀ ସାହୁ ସଭାପତିତ୍ୱ କରିଥିଲେ। ଦିବଂଗତ ବନ୍ଧୁଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କର ଏକ ପୁରାତନ ପାଣ୍ଠି ସଂଗ୍ରହ କରାଯାଇ ବିଦ୍ୟାଳୟର ମାଟ୍ରିକରେ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା। ଭାବଗ୍ରାହୀ ମୁଦୁଲି, ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଅଜୟ କୁମାର ବେହେରା, ଖବରଦାତା ଗଙ୍ଗାଧର ଓଝାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମନ୍ଦିର ପାଲଟିଛି ଗୋଦାମ, ଅଫିସ

**ପୁରୁଣା ଭୁବନେଶ୍ୱର, ୨୩। ୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରରେ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣରେ ବ୍ୟସ୍ତ ମିଳିତ ଉଚ୍ଛେଦ ଟିମ୍ ଓ ସଚିବ ସ୍ତରୀୟ ଅଫିସରଙ୍କ ନଜର ଆଢୁଆଳରେ ବହୁ ମନ୍ଦିର ଜବରଦଖଲରେ ରହିଛି। ମନ୍ଦିରକୁ କେତେଜଣ ସେବାୟତ ବ୍ୟକ୍ତିଗତ ଭାବେ ବ୍ୟବହାର କରିଛନ୍ତି। ଯେଉଁ କେତେଜଣ ଅଧିକାରୀ ଏସବୁ ବିଷୟରେ ଅବଗତ ଅଛନ୍ତି ରାଜନୈତିକ ଚାପ ଓ ଅନ୍ୟମାନଙ୍କ ଆକ୍ରୋଶର ଶିକାର ହେବା ବଦଳରେ ନୀରବ ରହିବାକୁ ଉଚିତ ମଣୁଛନ୍ତି। ଯେହେତୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନାମରେ ଜମି ରହିଥିଲେ ହେଁ କେତେଜଣ ସେବାୟତ ପ୍ରତିନିଧିଙ୍କ ଦଖଲରେ ଏହା ରହିଛି। ଏଣୁ କେହି କାହାରିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହାନ୍ତି। ଜବରଦଖଲରେ ରହିଥିବା ମନ୍ଦିରଗୁଡିକ ସେବାୟତ ନିଜର ଗୋଦାମ ଘର ଓ ଅନ୍ନ ମହାପ୍ରସାଦ ବିକ୍ରି ବରାଦ ଅଫିସ ଭଳି ବ୍ୟବହାର କରୁଛନ୍ତି। ଏଥିରେ ରହିଥିବା ପ୍ରାଚୀନ କାରୁକାର୍ଯ୍ୟ ନଷ୍ଟ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ କେହି ନାହାନ୍ତି। ଏସବୁ ମନ୍ଦିରକୁ ସାଧାରଣ ଶ୍ରଦ୍ଧାଳୁ ଦର୍ଶନ କରିପାରୁ ନାହାନ୍ତି।

## ପ୍ରଶାସନିକ ଅବହେଳା, ଚଞ୍ଚକତା କରି ଜମି ଦଖଲ

ପୂର୍ବରୁ ଲୋକସଂଖ୍ୟା କମ ସାଙ୍ଗକୁ ଜମିର ତଥ୍ୟ କମ୍ପ୍ୟୁଟରୀକରଣ ବ୍ୟବସ୍ଥା ନ ଥିଲା, ଏଣୁ ଯିଏ ଯେତେ ପ୍ରକାର ଚଞ୍ଚକତା କରି ଜମି ଜବରଦଖଲ କରୁଥିଲେ ହେଁ ଜାଣି ହେଉ ନ ଥିଲା। ମାତ୍ର ଯେଉଁଠାରେ ପୂର୍ବରୁ ସରକାରୀ ବିଭାଗ କାର୍ଯ୍ୟାଳୟ ଚାଲିଥିଲା ଏବେ ତାହା ସେବାୟତଙ୍କ ଜବରଦଖଲରେ ରହିଛି। ଏପରି ଦାୟିତ୍ୱହୀନ କାର୍ଯ୍ୟ ସାଧାରଣ ଲୋକେ ସହଜେ ଗ୍ରହଣ କରି ପାରୁନାହାନ୍ତି।



ଜବରଦଖଲରେ ଥିବା ମନ୍ଦିର।

## ମନ୍ଦିର ମାଲିକାନା ବିଏମ୍‌ସି ନାମରେ

ସେହିପରି ବହୁ ମନ୍ଦିର ଓ ବେଢା ଆଦି ନିର୍ଦ୍ଦିଷ୍ଟ ହାତ ଗଣତି ସେବାୟତଙ୍କୁ ସନ୍ତୁଷ୍ଟ କରାଇବା ନେଇ ପୂର୍ବର ନଗରପାଳିକା ବର୍ତ୍ତମାନର ବିଏମସି ନାମରେ ରହିବାରୁ ବହୁ ଅବ୍ୟବସ୍ଥା ହେଉଛି। ବିଏମସି ଏଗୁଡିକୁ ସେବାୟତଙ୍କୁ ସୁହାଇଲା ଭଳି ଜବରଦଖଲ ପରେ ନିର୍ମାଣ କରାଇ ମନ୍ଦିର ସୌନ୍ଦର୍ଯ୍ୟକରଣ ନଷ୍ଟ କରିବା ସହ ବ୍ୟବସାୟିକ ପ୍ରତିଷ୍ଠାନ ଭଳି ନିର୍ମାଣ କରାଉଛି। ୧୯୪୮ରେ ବିହାର-ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ୧୯୨୨ ଅନୁଯାୟୀ ନୋଟିଫାଏଡ ଏରିଆ କମିଟି ଓ ୧ ଅକ୍ଟୋବର ୧୯୫୨ ନୋଟିଫାଏଡ ଏରିଆ କାଉନ୍‌ସିଲ ଗଠନ ହେବା ପର୍ଯ୍ୟନ୍ତ ଓ କିଛିଦିନ ପାଇଁ ଅନନ୍ତବାସୁଦେବ ମନ୍ଦିର ଭୁବନେଶ୍ୱର ଏନ୍‌ଏସିର କିଛି କାର୍ଯ୍ୟାଳୟ ରହିଥିଲା। ଗୌତମନଗର ମୌଜାର ୟୁନିଟ୍ ୨୮ ଅନ୍ତର୍ଗତ ଖତିଆନ ନଂ. ୨୨୮୦ର ପ୍ଲଟ ନଂ. ୨୨୨୧ ସେହି କାରଣରୁ ବିଏମ୍‌ସି ଭୁବନେଶ୍ୱର ନାମରେ ଗଡି ଆସୁଛି। ମାତ୍ର ସରକାରୀ ବାବୁମାନେ ଏ କାର୍ଯ୍ୟାଳୟ ଛାଡିଗଲା ପରେ ଏହା ଜଣେ ସେବାୟତଙ୍କ ରୋଷଘର ଭାବେ ବ୍ୟବହାରରେ ଲାଗୁଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏପରି ଜବରଦଖଲ ହଟାଇବାକୁ କେହି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

## ଶ୍ରୀଚକ୍ରମହାଦେବଙ୍କ ମନ୍ଦିରରେ ରହୁଛି ରୋଷେଇ ସାମଗ୍ରୀ

ସେହିପରି ଅନନ୍ତ ବାସୁଦେବ ମନ୍ଦିର ନିକଟରେ ରହିଥିବା ଶହଶହ ବର୍ଷତଳର ଶ୍ରୀଚକ୍ରମହାଦେବ ମନ୍ଦିର ମଧ୍ୟ ବିଏମ୍‌ସି ଓ ସେବାୟତଙ୍କ ଚକ୍ରାନ୍ତରେ ସଉଦା ହରାଉଛି। ଗୌତମନଗର ମୌଜାର ୨୨୧୯ ପ୍ଲଟ ସମେତ ୨୨୨୦ ଓ ୨୨୧୮ ଏହି ଚକ୍ର ମହାଦେବଙ୍କ ବେଢା ଓ ପୀଠସ୍ଥଳ ଅଟେ। ମାତ୍ର ବିଏମ୍‌ସି ନାମରେ ଦେବୋତ୍ତର କମିଶନର ଓ ୧୯୭୦ମସିହାର ଶ୍ରୀଲିଙ୍ଗରାଜ ମନ୍ଦିର ଅଧିକାରୀଙ୍କ ବାରଣ ସତ୍ତ୍ୱେ ପରବର୍ତ୍ତୀ ସମୟରେ ଏହି ଚକ୍ର ମହାଦେବଙ୍କ ପୀଠରେ ଅନନ୍ତ ବାସୁଦେବ ମନ୍ଦିର ଅନ୍ନ ପ୍ରସାଦ ବିକ୍ରୟ କେନ୍ଦ୍ର ଖୋଲି ଦିଆଗଲା। ୨୨୧୮ ପ୍ଲଟ୍‌ଟି ଶ୍ରୀଚକ୍ରମହାଦେବଙ୍କ ବିଜେସ୍ଥଳୀ ଥିଲେ ମଧ୍ୟ ବିଏମ୍‌ସି ନିୟନ୍ତ୍ରଣରେ ଥିଲା। ସେହିପରି ଶ୍ରୀଚକ୍ରମହାଦେବଙ୍କ ମନ୍ଦିର ରହିଥିବା ୨୨୧୯ ପ୍ଲଟ ମଧ୍ୟ ସେବାୟତଙ୍କ ଦଖଲରେ। ଏଠାରେ ରୋଷେଇ ସାମଗ୍ରୀ ରଖା ଯାଇ ଏହାକୁ ଗୋଦାମ ଗୃହ ଭାବେ ବ୍ୟବହାର କରାଯାଉଛି। ସେବାୟତଙ୍କ ଅନୁମତି ବିନା ସାଧାରଣ ଲୋକେ ପ୍ରବେଶ କରିନାହାନ୍ତି ନାହିଁ। ଏଥିସହ ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଫେରାଇ ଆଣିବାକୁ ସାଧାରଣରେ ଦାବି ହେଉଛି।

### ଏମାନେ ଯାହା କୁହନ୍ତି...

“ବିଏମସି ଏହି ଜାଗାକୁ ଭଡାରେ ଦେଇଛି। ଏହା ଚକ୍ରମହାଦେବ ମନ୍ଦିର ନୁହେଁ। ଏହା ବାସୁଦେବ ମନ୍ଦିର। ଏଭଳି ଅନେକ ମନ୍ଦିର ରହିଛି, ଯେଉଁଠାରୁ ଜବରଦଖଲ ହଟାଯାଇ ଐତିହ୍ୟ ସଂରକ୍ଷଣ କରାଯାଉ।

***ପଣ୍ଡିତ ମାନଗୋବିନ୍ଦ ମହାସୁପକାର, ଅନନ୍ତ ବାସୁଦେବ ମନ୍ଦିର ସେବାୟତ***

“ମନ୍ଦିରରେ ଏଭଳି ବ୍ୟବହାରକୁ ନିନ୍ଦା କରୁଛି। ଐତିହ୍ୟ ସୁରକ୍ଷା ପ୍ରତି ମନ୍ଦିରଟିର ଯତ୍ନ ନେବାର ଆବଶ୍ୟକତା ରହିଛି।

***-ବିରଞ୍ଚି ନାରାୟଣ ପତି, ବ୍ରାହ୍ମଣ ନିଯୋଗ ସମ୍ପାଦକ***

“ଅନୁସନ୍ଧାନ କରାଯିବ। ଯଦି ଜବରଦଖଲ ଥିବ ତାହାହେଲେ ଉଚ୍ଛେଦ ନିଶ୍ଚୟ କରାଯିବ ବୋଲି ସେ କହିଥିଲେ।

***-ଅବନୀକାନ୍ତ ପଟ୍ଟନାୟକ, ବିଏମସି ଡେପୁଟି କମିଶନର***

### ଓଡ଼ିଶା ଇଣ୍ଡିଆନ ବ୍ୟାଙ୍କ ଟେମ୍ପୋରାରୀ ଏମ୍ପ୍ଲଇଜ୍ ୟୁନିୟନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ଓଡ଼ିଶା ଇଣ୍ଡିଆନ ବ୍ୟାଙ୍କ ଟେମ୍ପୋରାରୀ ଏମ୍ପ୍ଲଇଜ୍ ୟୁନିୟନର ଦ୍ୱିତୀୟ ତ୍ରୈବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଉଦ୍‌ଘାଟନ କରି ସିଟୁର ରାଜ୍ୟ ସଭାପତି ସାଥୀ ଜନାର୍ଦ୍ଦନ ପତି କହିଛନ୍ତି, ବର୍ତ୍ତମାନର କେନ୍ଦ୍ର ସରକାର ଶ୍ରମ ଆଇନର ଯେଉଁ ସଂଶୋଧନ କରିବାକୁ ଯାଉଛନ୍ତି ତା'ଦ୍ୱାରା ଅସ୍ଥାୟୀ କର୍ମଚାରୀଙ୍କର କୌଣସି ଅଧିକାର ରହିବ ନାହିଁ। ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଗଢି ତୋଳିବାକୁ ପଡ଼ିବ। ଇଣ୍ଡିଆନ୍ ବ୍ୟାଙ୍କ୍ ଏମ୍ପ୍ଲଇଜ୍ ଫେଡ଼େରେଶନର ସର୍ବଭାରତୀୟ ସମ୍ପାଦକ ସାଥୀ ରଞ୍ଜନ ରାଜ କହିଥିଲେ ଯେ, ସାରା ଦେଶରେ କେବଳ ଇଣ୍ଡିଆନ ବ୍ୟାଙ୍କ୍‌ରେ ୪ ହଜାରରୁ ଊର୍ଦ୍ଧ୍ୱ ଟେମ୍ପୋରାରୀ କର୍ମଚାରୀ ଦୀର୍ଘ ୨୦ବର୍ଷ ଧରି କାମ କରି ଆସୁଛନ୍ତି। ସେମାନଙ୍କୁ ସ୍ଥାୟୀ କରିବାକୁ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଲାଗୁ କରୁନାହାନ୍ତି। ଯଦି ଆଗାମୀ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ୍ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନ ନିଅନ୍ତି ସାରା ଦେଶରେ ଇଣ୍ଡିଆନ ବ୍ୟାଙ୍କ୍‌ର କର୍ମଚାରୀମାନେ ଆନ୍ଦୋଳନକୁ ଯିବେ ବୋଲି ସେ କହିଥିଲେ।

ସମ୍ମିଳନୀକୁ ଏଓବିଇଏଫ୍ ସାଧାରଣ ସମ୍ପାଦକ ସାଥୀ ପ୍ରକାଶ ରାୟ, ସଭାପତି ସାଥୀ ସୁଶୀଲ ଗିରି, ସିଟୁର ଗଞ୍ଜାମ ଜିଲା ସଭାପତି ସାଥୀ ପ୍ରତାପ ଚନ୍ଦ୍ର ଚୌଧୁରୀ, ଏଓବିଇଏଫ୍‌ର ଉପଦେଷ୍ଟା ସାଥୀ ପ୍ରଦୀପ ଷଡ଼ଙ୍ଗୀ, ଏବିଇସିସିର ସମ୍ପାଦକ ସାଥୀ ତ୍ରିନାଥ ସାହୁ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇ ସଙ୍ଗଠନକୁ ସୁଦୃଢ କରିବାକୁ ଉପଦେଶ ଦେଇଥିଲେ।

# ଚଉପଦୀ, ଛାନ୍ଦ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

କଟକର 'କଳିଙ୍ଗ ଭାରତୀ' ଓ ବୁଗୁଡାର 'ଭଞ୍ଜମାଟି' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ରବିବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଚଉପଦୀ ଓ ଛାନ୍ଦ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ବାଚସ୍ପତି ଓ ମନ୍ତ୍ରୀ ଶରତ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। କଳିଙ୍ଗ ଭାରତୀର ସଭାପତି ଡ. ରଜତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ଇଂ. ଚନ୍ଦ୍ରଶେଖର ନନ୍ଦ, ଡ. ଶୈଳେଶ୍ୱର ନନ୍ଦ, ପ୍ରଭାତ କୁମାର ନନ୍ଦ ଭଞ୍ଜ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ। କଳିଙ୍ଗ ଭାରତୀର ସମ୍ପାଦକ ପୁରୁଷୋତ୍ତମ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉତ୍କଳ ଛାତ୍ର ସାହିତ୍ୟ ସମାଜର ସମ୍ପାଦକ ଅଂଶୁମାନ କର ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଭଞ୍ଜ ସଙ୍ଗୀତ ପରିବେଷଣ କରାଯାଇଥିଲା। ବୁଗୁଡା ଓ ଭୁବନେଶ୍ୱରର ସଙ୍ଗୀତ ଶିଳ୍ପୀମାନେ ଭଞ୍ଜଙ୍କ ଦ୍ୱାରା ରଚିତ ଚଉପଦୀ ଓ ଛାନ୍ଦ ଗାନ କରିଥିଲେ।

# କ୍ୟାପିଟାଲ ହସ୍ପିଟାଲ ପରିସରରେ ଚୋରି ଗ୍ୟାଙ୍ଗ୍ ସକ୍ରିୟ

- ବାରମ୍ଭାର ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦେଉନି ପୋଲିସ
- ପୁଣି ଏକ ବାଇକ୍ ଚୋରି, ସିସିଟିଭିରେ ରହିଛି ଦୃଶ୍ୟ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲ ପରିସରରେ ଆଡ୍ଡା ଜମାଉଛନ୍ତି ଅସାମାଜିକ। ଇତିମଧ୍ୟରେ ଏକାଧିକ ଚୋରି ଗ୍ୟାଙ୍ଗ୍ ବେଶ୍ ସକ୍ରିୟ ହୋଇଉଠିଛି। ଗ୍ୟାଙ୍ଗ୍‌ର ସଦସ୍ୟମାନେ ହସ୍ପିଟାଲର ବିଭିନ୍ନ ୱାର୍ଡରେ ଥିବା ରୋଗୀ ଓ ସମ୍ପର୍କୀୟ, ଦୋକାନରୁ ଚୋରି କରିବା ସହ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏଥିସହ ବାରମ୍ଭାର ବାଇକ ଚୋରି ନେଇ ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାକ୍ରମରେ ରବିବାର ହସ୍ପିଟାଲ ପରିସରରୁ ଜଣେ ଦୋକାନୀଙ୍କ ବାଇକ ଚୋରି ହୋଇଛି। ଘଟଣାର ପୂରା ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ଲୁଟେରା ଜଣକ ସକାଳ ୮ଟା ୪୫ରେ ଫୋନ୍‌ରେ କଥା ହୋଇ ଉକ୍ତ ବାଇକ୍ ନିକଟକୁ ଆସିବା ପରେ ବାଇକ ଉପରେ ୧୦ ମିନିଟ୍ ବସିଥିଲେ। ଏହି ସମୟ ମଧ୍ୟରେ ସେ ଲକ୍ ଭାଙ୍ଗି ବାଇକକୁ ଚୋରିକରି ନେଇଥିଲେ। ଏନେଇ ବାଇକ ମାଲିକ ସନ୍ତୋଷ କୁମାର ବେହେରା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳର ଏକ ବସ୍ତିର ହୋଇଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁସାରେ, ସନ୍ତୋଷ ୟୁନିଟ୍-୬ ମଙ୍ଗଳାବସ୍ତିରେ ରହି କ୍ୟାପିଟାଲ ହସ୍ପିଟାଲ ପରିସରରେ ଠେଲା ଗାଡିରେ ବ୍ୟବସାୟ କରନ୍ତି। ସବୁଦିନ ପରି ସେ ବ୍ୟବସାୟ କରୁଥିବା ଦୋକାନ ନିକଟରେ ସକାଳ ପ୍ରାୟ ୮ଟାରେ ବାଇକ ରଖି ବେପାର କରୁଥିଲେ। ଏହାର ସୁଯୋଗରେ ଚୋର ଜଣକ ତାଙ୍କ ବାଇକକୁ ଚୋରିକରି ନେଇଥିଲେ। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ସବୁବେଳେ ଗହଳି ରହୁଛି। ଲୋକେ ଗାଡ଼ି ରଖି ଭିତରେ ବହୁ ସମୟ ଧରି ଧାଡ଼ିରେ ରହି ଟିକେଟ କରିବା ଠାରୁ ଆରମ୍ଭ କରି ଡାକ୍ତରଙ୍କୁ ଦେଖାଇବା ଓ ପରୀକ୍ଷା କରିବାରେ ଘଣ୍ଟା ଘଣ୍ଟା ସମୟ ଯାଉଛି। ଏହି ସୁଯୋଗରେ ଲୁଟେରାଙ୍କ ଉତ୍ପାତ ବଢ଼ି ଚାଲିଛି। ହସ୍ପିଟାଲ ପରିସରରେ ଫାଣ୍ଡି ରହିଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତା ସେମାନଙ୍କ ପାଇଁ ସୁଯୋଗ ପାଲଟିଛି।

# କାକଟପୁର ମଙ୍ଗଳା ମନ୍ଦିର ମୁଖଶାଳାରେ ଫାଟ

■ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ

**କାକଟପୁର,୨୩।୨(ଡି.ଏନ.ଏ)**

ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ମୁଖଶାଳାର ଦକ୍ଷିଣ ଦ୍ୱାର ଉପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହା ଆଗକୁ ଯେଭଳି ବଡ଼ ଫାଟ ନ ହେବ ଏବଂ ଏହାର ରକ୍ଷଣାବେକ୍ଷଣ ଖୁବଶୀଘ୍ର ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଅସ୍ତରଙ୍ଗର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହାସହ ପର୍ଯ୍ୟଟନ ବିଭାଗ, ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗକୁ ମା'ଙ୍କ ଚୈତ୍ର ମଙ୍ଗଳବାର ପାଞ୍ଚ ପାଳି ଯାତ୍ରା ଅଛି। ଏବେଠାରୁ ଏହି ଫାଟ ସମ୍ପର୍କରେ ଦୃଷ୍ଟି ନ ଦେଲେ ଆଗକୁ କ'ଣ ଅଘଟନ ଘଟିବ କହିହେବ ନାହିଁ।


ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


# 'ପୁରାତନ ଛାତ୍ର ବର୍ତ୍ତମାନର ଛାତ୍ର ସମାଜକୁ ନୀତି ଶିକ୍ଷା ଦିଅନ୍ତୁ'




**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

ୟୁନିଟ୍-୬ ସରକାରୀ ବିଦ୍ୟାଳୟର ଆଲୁମ୍‌ନି ମିଟ୍ ଓ ବିଦ୍ୟାଳୟର ବିଜ୍ଞାନାଗାର ଉଦ୍‌ଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସାମାଜିକ ସଂସ୍କାରଭିତ୍ତିକ ଦୀକ୍ଷା ଓ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଜ୍ଞାନ ବାଣ୍ଟିବାର ଆବଶ୍ୟତକା ରହିଛି। ତେଣୁ ପୁରାତନ ଛାତ୍ରମାନେ ବର୍ତ୍ତମାନର ଛାତ୍ର ସମାଜକୁ ନୀତି ଶିକ୍ଷା ଦିଅନ୍ତୁ ବୋଲି ପୁନିଆ କହିଛନ୍ତି। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସ୍ୱତନ୍ତ୍ର ପୋଲିସ ଡିଜିପି ଇଣ୍ଟେଲିଜେନ୍ସ ସତ୍ୟଜିତ୍ ମହାନ୍ତି, ବିଇଓ ସସ୍ମିତା ମାଳୀ, ଆଲୁମ୍‌ନି ଟ୍ରଷ୍ଟ ଅଧ୍ୟକ୍ଷ ଲିଙ୍ଗରାଜ ମହାପାତ୍ର, ମ୍ୟାନେଜିଂ ଟ୍ରଷ୍ଟି ମହେନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ମଧୁସୂଦନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ମୋ ସ୍କୁଲ' ଯୋଜନାରେ ୬ ଲକ୍ଷ ବ୍ୟୟରେ ହୋଇଥିବା ବିଦ୍ୟାଳୟର ବିଜ୍ଞାନାଗାରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

# ଓଡ଼ିଆ ଭାଷା ଆମ ଜାତିର ସ୍ୱାଭିମାନ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**




ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ରାଟ ଖାରବେଳଙ୍କ ଖଣ୍ଡଗିରି ଶିଳାଲେଖାରୁ ଓ ସମ୍ରାଟ ଅଶୋକଙ୍କ ଧଉଳି ଶିଳାଲେଖାରୁ ଓଡ଼ିଆ ଭାଷାର ସୂଚନା ମିଳିଥିଲା। ମାତୃଭାଷା ଓଡ଼ିଆ ଆମ ଜାତିର ସ୍ୱାଭିମାନ ଓ ଗର୍ବର ପ୍ରତୀକ ବୋଲି ଉଲ୍ଲେଖ କରି ଡ. ନାୟକ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିର୍ଦ୍ଦେଶକ ଡ. ଶ୍ରୁତିକାନ୍ତ ଦୀକ୍ଷିତ୍, ଡ. ରାଜେଶ ସ୍ୱାଇଁ, ଡ. ବିମଳକାନ୍ତ ନାୟକ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, ସୋସିଆଲ ୱାର୍କର୍ସ ବିଭାଗୀୟ ମୁଖ୍ୟ ଡ. ଆ.ବି. ରାଓ ପ୍ରମୁଖ ଯୋଗଦେଇ ସେମାନଙ୍କ ସାରଗର୍ଭକ ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ଖବରଦାତା ହେଉଛନ୍ତି ଦେଶର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଛି। ଜନସାଧାରଣଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ମାଧ୍ୟମ ହେଉଛି ଗଣମାଧ୍ୟମ। ସମାଜର ଦଳିତ, ନିଷ୍ପେଷିତ ଓ ଅବହେଳିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଖବରଦାତାମାନେ ସଦାସର୍ବଦା ଚେଷ୍ଟିତ ଥାନ୍ତି। ଜନସାଧାରଣଙ୍କ ସମସ୍ୟାକୁ ସେମାନେ ଲୋକଲୋଚନକୁ ଆଣିବା ସହ ସରକାରଙ୍କ ନିକଟରେ ମଧ୍ୟ ଉପସ୍ଥାପିତ କରିଥାନ୍ତି। ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି।

ରବିବାର ସ୍ଥାନୀୟ ସୂଚନା ଭବନରେ ସାପ୍ତାହିକ ସମ୍ବାଦପତ୍ର 'ପ୍ରବାହ'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସାରକା ଯୋଗଦେଇ କହିଥିଲେ, ଖବରଦାତା ନିଷ୍ଠାର ସହ ତା'ର କର୍ତ୍ତବ୍ୟ ସମ୍ପାଦନ କରିଥାଏ। ସମାଜର ହିତ ପାଇଁ ସେ ସମର୍ପିତ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣମାଧ୍ୟମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବାଚସ୍ପତି ତଥା କୃଷି ବିପଣନ ପରିଷଦର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ।




## 'ପ୍ରବାହ'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ

କାର୍ଯ୍ୟକ୍ରମରେ ପ୍ରବାହ ସମ୍ପାଦକ ଅଭିମନ୍ୟୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାଷାବିତ୍ ତଥା ବିଶିଷ୍ଟ ଲେଖକ ଅମୀୟ ପାଣ୍ଡବ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟସମ୍ପାଦକ ସାରଦା ପ୍ରସନ୍ନ ସ୍ୱାଇଁ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିବାବେଳେ ପରିଚାଳନା ସମ୍ପାଦକ ସିଦ୍ଧାର୍ଥ ସ୍ୱରୂପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଭାଙ୍କୁ ପ୍ରବାହ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ସମ୍ପାଦକ ଶାରଦା ପ୍ରସନ୍ନ ସ୍ୱାଇଁ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ସ୍ୱରୂପ ଦାଶ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଫେବୃୟାରୀ, ୨୦୨୦



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରିୟମ୍, ନାଲ୍କୋ ଛକ, ସକାଳ ୯ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- କଳିଙ୍ଗ କଲେଜ ଅଫ୍ ଆର୍ଟର ପ୍ରତିଷ୍ଠା ଦିବସ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ମ୍ୟୁଜିକ ସିଜନର୍ସ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

## ୨୫ରୁ 'ରଙ୍ଗ ଉତ୍ସବ'

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ):** ନାଟ୍ୟାନୁଷ୍ଠାନ 'ଜୀବନରେଖା' ପକ୍ଷରୁ ଆସନ୍ତା ୨୫ ତାରିଖରୁ ୩ ଦିନିଆ ନାଟକ ଉତ୍ସବ 'ରଙ୍ଗ ଉତ୍ସବ' ଅନୁଷ୍ଠିତ ହେବ। ରବୀନ୍ଦ୍ର ମଣ୍ଡପଠାରେ ହେବାକୁ ଥିବା ଏହି ନାଟକ ଉତ୍ସବରେ ୩ଟି ନାଟକ ମଞ୍ଚସ୍ଥ ହେବ। ପ୍ରଥମ ସନ୍ଧ୍ୟାରେ ମାନବ କେଲଙ୍କ ରଚିତ ଓ ଚିନ୍ମୟୀ ଷଡ଼ଙ୍ଗୀଙ୍କ ଅନୁସୃଜନରୁ ପ୍ରସ୍ତୁତ ନାଟକ 'ମଜା ମଜାରେ' ପରିବେଷଣ ହେବ। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅଭିନ୍ନ ରାଉତରାୟ। ଦ୍ୱିତୀୟ ସନ୍ଧ୍ୟାରେ ଶରତ ଆଚାର୍ଯ୍ୟଙ୍କ ରଚିତ ଓ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ଓଡ଼ଶ' ମଞ୍ଚସ୍ଥ ହେବ। ତୃତୀୟ ତଥା ଅନ୍ତିମ ସନ୍ଧ୍ୟାରେ ରାମ ରାବଣ ସମୟରେ ଧଡ଼ିତନ୍ତ୍ରର ଶାସନ ବ୍ୟବସ୍ଥାକୁ ନେଇ ମନୋଜ ମିତ୍ରଙ୍କ ରଚିତ, ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଓ ସୁରେଶ ବଳବନ୍ତରାୟଙ୍କ ଅନୁସୃଜନରେ 'ଧଡ଼ି ରାମାୟଣ' ମଞ୍ଚସ୍ଥ ହେବ। ଜୀବନରେଖା ନାଟ୍ୟସଂସ୍ଥା ପକ୍ଷରୁ ରବିବାର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ଚିନ୍ମୟୀ ଷଡ଼ଙ୍ଗୀ, ଉତ୍ସବ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ନିର୍ଦ୍ଦେଶକ ପବିତ୍ର ମହାନ୍ତି, ନାଟ୍ୟକାର ଶରତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ନାଟ୍ୟ ଉତ୍ସବ ସମ୍ପର୍କରେ ସୂଚନା ଦେବାସହ ସମସ୍ତ ନାଟକରେ ଦର୍ଶକ ସମସାମୟିକ ଅବସ୍ଥାର ଛୁଙ୍କ ଅନୁଭବ କରିବେ ବୋଲି କହିଥିଲେ।

## ଟ୍ରେନ ଦୁର୍ଘଟଣାରେ ୨ ମୃତ

**ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)/ ଖୋର୍ଦ୍ଧା ଅଫିସ, ୨୩।୨:** ରବିବାର ଟ୍ରେନ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଲିଙ୍ଗରାଜ ପ୍ୟାସେଞ୍ଜର ହଲ୍ଟ ନିକଟରେ ଜଣେ କଲେଜ ଛାତ୍ରଙ୍କ ଟ୍ରେନ ଧକ୍କାରେ ଜୀବନ ଯାଇଛି। ମୃତକ ଜଣକ ହେଲେ ଫୁଲବାଣୀ ଅଞ୍ଚଳ କେଲୁପଦର ଗ୍ରାମର ବିଶାଳ ମଣ୍ଡଳ(୧୮)। ସେ ସ୍ଥାନୀୟ ଏକାମ୍ର କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ୁଥିଲେ। ସେ ସୁନ୍ଦରପଦା ଗ୍ରାମସ୍ଥିତ ଏକ ହଷ୍ଟେଲ୍‌ରେ ରହୁଥିଲେ। ପୋଲିସ ସୂଚନା ମୁତାବକ, ବିଶାଳ ଅପରାହ୍ନରେ ଟ୍ରେନ ଲାଇନ୍ ପାର ହେଉଥିବାବେଳେ ଏକ ଟ୍ରେନ୍ ଧକ୍କା ଦେଇଥିଲା। ସେହିପରି ସନ୍ଧ୍ୟାରେ ଜଙ୍କିଆ ଥାନା ଅନ୍ତର୍ଗତ ଚମ୍ପାଝର ଗାଁର ବିକାଶ ବେହେରା (୩୨)ଙ୍କ ମୃତଦେହକୁ ପୋଲିସ ମଳିପଡ଼ା ନିକଟବର୍ତ୍ତୀ ରେଳ ଲାଇନ୍‌ରୁ ଉଦ୍ଧାର କରିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ରାତି ହୋଇ ଯାଇଥିବାରୁ ସୋମବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା ତାହାକୁ ନେଇ ପୋଲିସ ତଦନ୍ତ ଚଳାଇଛି।

# ବିଏସ୍ଏଫ୍ ଅଧିକାରୀଙ୍କ ନାଁରେ ବଳାତ୍କାର ଅଭିଯୋଗ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

- ଯୁବତୀଙ୍କୁ ବିବାହ ଆଳରେ ଏକାଧିକଥର ବଳାତ୍କାର
- ଭିଡିଓ ଦେଖାଇ ବ୍ଲାକ୍‌ମେଲିଂ, ଲୁଟିନେଲେ ୨୦ ଲକ୍ଷ
- ମହିଳା ଥାନାରେ ଅଭିଯୋଗ ପରେ ମାମଲା ରୁଜୁ

ରାଜଧାନୀରେ ପୋଲିସ ଓ ଯବାନଙ୍କୁ ଘାରିଛି ପ୍ରେମ ନିଶା। କିଏ ଯୁବତୀଙ୍କୁ ରାସ୍ତା ଉପରେ ଅସଦାଚରଣ କରି ଗିରଫ ହେଲାଣି ତ ଆଉ କିଏ ବାହାଘରର ପ୍ରତିଶ୍ରୁତି ଦେଇ ବଳାତ୍କାର କଲାଣି। ପୂର୍ବରୁ ୪ ଘଟଣା ଖାକିରେ କଳଙ୍କର ଦାଗ ଲଗାଇଥିବାବେଳେ ରବିବାର ମହିଳା ଥାନାରେ ଆଉ ଏକ ଅଭିଯୋଗ ହୋଇଛି। ଜଟଣୀସ୍ଥିତ ବିଏସ୍ଏଫ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନାଁରେ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ବଳାତ୍କାର ଓ ଲୁଟ୍‌ର ଶିକାର ହୋଇଥିବା ଯୁବତୀ। ପୋଲିସ ସମ୍ପୃକ୍ତ ଯୁବତୀଙ୍କ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତ ବିଏସ୍ଏଫ୍ ଡିଏସ୍‌ପିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏପରି କି ପୋଲିସ ତାଙ୍କୁ ଗିରଫ କରିବାକୁ ବିଏସ୍ଏଫ କାର୍ଯ୍ୟାଳୟକୁ ଯାଇ ଖୋଳତାଡ଼ କରିଥିଲା। ହେଲେ ଅଭିଯୁକ୍ତ ଜଣକ ଉଚ୍ଚ ପଦରେ ଥିବାରୁ ମାମଲାକୁ ରଫାଦଫା କରିବା ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି। ଘଟଣାକୁ ନେଇ ମଧ୍ୟ ଯୁବତୀଙ୍କ ଉପରେ ଚାପ ପଡୁଥିବା ସେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଯୁବତୀଙ୍କ ସହ ଡିଏସ୍‌ପି ଜଣକ ହ୍ୱାଟ୍ସଆପ୍‌ରେ କରିଥିବା ରୋମାଣ୍ଟିକ୍ ଚାଟିଂ ଏବେ ଭାଇରାଲ ହେବାରେ ଲାଗିଛି। ମହିଳା ଥାନା ପୋଲିସ ଉକ୍ତ ପୋଷ୍ଟଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ପୀଡିତା ଯୁବତୀଙ୍କ ଘର କଟକରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଏକ ବିଲ୍ଡର ସଂସ୍ଥାରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ଏକ ଜାଗା କିଣିବା ପାଇଁ ଜଗତ୍‌ସିଂପୁରର ବିଏସ୍ଏଫ୍ ଡିଏସ୍‌ପି ଜଣକ ଜାଗା କିଣିବା ପାଇଁ ଉକ୍ତ ବିଲ୍ଡର ସଂସ୍ଥାକୁ ଯାଇଥିଲେ। ସେଠାରେ ଯୁବତୀଙ୍କ ସହ ତାଙ୍କର ଭେଟ ହେବା ପରେ ଉଭୟେ ପରିଚିତ ହୋଇଥିଲେ। ସେତେବେଳେ ଅଭିଯୁକ୍ତ ଜଣକ ବିଏସ୍ଏଫ୍‌ରେ ଇନ୍ସପେକ୍ଟର ର୍‍ୟାଙ୍କ୍‌ରେ ରାୟପୁରଠାରେ ଅବସ୍ଥାପିତ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଜଟଣୀକୁ ବଦଳି ହେବା ସହ ଡିଏସ୍‌ପି ର୍‍ୟାଙ୍କ୍‌କୁ ପଦୋନ୍ନତି ହୋଇଥିଲା। ସେ ସ୍ତ୍ରୀ ଓ ପିଲାଙ୍କ ସହ ଚନ୍ଦକା ନିକଟ ଏକ ଆପାର୍ଟମେଣ୍ଟରେ ରହିଥିଲେ। ଡିଏସ୍‌ପି ଜଣକ ଉକ୍ତ ଯୁବତୀଙ୍କୁ ଜମି କିଣିବା ବାହାନାରେ ଏକାଧିକ ସ୍ଥାନକୁ ଡକାଇ କଥାବାର୍ତ୍ତା ହେଉଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଘରେ ପରିବାର ଲୋକେ ନ ଥିବାବେଳେ ଘରକୁ ଯୁବତୀଙ୍କୁ ଡକାଇ ବିବାହ ଆଳ ଦେଖାଇ ବଳାତ୍କାର କରିଥିଲେ। ଏହି ସମୟର ଦୃଶ୍ୟକୁ ମଧ୍ୟ ନିଜ ମୋବାଇଲ୍ ଫୋନ୍‌ରେ ଭିଡିଓ ରେକର୍ଡିଂ କରି ରଖିଥିଲେ। ପରେ ଉକ୍ତ ଭିଡିଓ ଦେଖାଇବା ସହ ନାନା ଧମକ ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଏପରି କି ଉକ୍ତ ଭିଡିଓକୁ ମୋବାଇଲ ଫୋନ୍‌ରୁ ଡିଲିଟ୍ କରିବା ପାଇଁ ୨୦ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବା ପରେ ମଧ୍ୟ ଅଭିଯୁକ୍ତ ଡିଏସ୍‌ପି ଭିଡିଓଟିକୁ ଡିଲିଟ୍ ନ କରି ବ୍ଲାକ୍‌ମେଲିଂ କରି ବଳାତ୍କାର କରୁଥିଲେ। ଶେଷରେ କିଛି ଉପାୟ ନ ପାଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ।

ଏ ନେଇ ମହିଳା ଥାନା ଅଧିକାରୀ ବନୀତା ମହାରଣା କହିଛନ୍ତି, ଯୁବତୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ପ୍ରକୃତ ଘଟଣା ସ୍ପଷ୍ଟ ହେବା ପରେ ଡିଏସ୍‌ପିଙ୍କୁ ଗିରଫ କରାଯିବ।



### ପୂର୍ବରୁ ଘଟିଥିବା ୪ ଘଟଣା

ଡେରାଡୁନ୍‌ର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ରଖି ସିଆର୍‌ପିଏଫ୍‌ର ଜଣେ ଯବାନ ବଳାତ୍କାର କରିଥିଲେ। ଏହି ମାମଲାରେ ନୟାପଲୀ ଥାନା ପୋଲିସ ଗତ ୩ ତାରିଖରେ ସଂପୃକ୍ତ ଯବାନଙ୍କୁ ଗିରଫ କରିଥିଲା। ସେହିଭଳି ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର ଅଭିଯୋଗରେ ଏସ୍ଏସ୍‌ବିର ଜଣେ କନ୍‌ଷ୍ଟେବଲଙ୍କୁ ମହିଳା ଥାନା ପୋଲିସ ଗତ ୪ ତାରିଖରେ ଗିରଫ କରିଥିଲା। ତୃତୀୟ ଘଟଣା ନୟାପଲୀ ଥାନା ଅଞ୍ଚଳରେ ଘଟିଥିଲା। ଘରେ କେହି ନ ଥିବାବେଳେ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଓଏସ୍ଏପି ସିପାହି ଗତ ୮ ତାରିଖରେ ଗିରଫ ହୋଇଥିଲେ। ଚତୁର୍ଥ ଘଟଣା ଗତ ୧୬ ତାରିଖରେ କଳ୍ପନା ଛକ ନିକଟରେ ଘଟିଥିଲା। ସାଙ୍ଗଙ୍କ ସହ ଚାଲି ଚାଲି ଯାଉଥିବା ଜଣେ ଯୁବତୀଙ୍କୁ ଏସ୍ଏସ୍‌ବି କନ୍‌ଷ୍ଟେବଲ ରାସ୍ତା ମଝିରେ ଅସଦାଚରଣ କରି ଗିରଫ ହୋଇଥିଲେ। ଏହି ମାମଲାରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

# ପାର୍କ ଉତ୍ସବରେ ଓଡ଼ିଆ ସଂସ୍କୃତି, ପରମ୍ପରା

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

- ଓଡ଼ିଆ ଘରର ମିଠା, ପିଠାରେ ମହକିଲା ପାର୍କ
- ଗୋଟିପୁଅ ନୃତ୍ୟ କଲେ, ପାଦରେ ଅଳତା ଲଗାଇଲେ
- ମହାତ୍ମା ଗାନ୍ଧୀ ଓ ବୁଦ୍ଧ ଜୟନ୍ତୀ ପାର୍କରେ ହେବ ଆଗାମୀ ଉତ୍ସବ





ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ। ଆମର ୧୨ ମାସରେ ୧୩ ପରବ, ଆଉ ସେହି ପରବରେ ବିଭିନ୍ନ ପ୍ରକାରର ମିଠା ଓ ପିଠା ପଣା ପ୍ରସ୍ତୁତ ହୁଏ। ରବିବାର ଭୁବନେଶ୍ୱରର ଇନ୍ଦିରା ଗାନ୍ଧୀ ଓ ମଧୁସୂଦନ ଦାସ ପାର୍କରେ ଓଡ଼ିଆ ଘରର ଏହି ସଂସ୍କୃତି, ପରମ୍ପରା ଓ ଚଳଣି ବାରିହୋଇପଡ଼ିଥିଲା। ଓଡ଼ିଆ ଘରର ମିଠା ଓ ପିଠାରେ ମହକି ଉଠିଥିଲା ଦୁଇ ପାର୍କ। ଲୋକେ ବିଭିନ୍ନ ପ୍ରକାରର ମିଠା ଓ ପିଠା ତିଆରି କରି ପ୍ରଦର୍ଶିତ କରିଥିବାବେଳେ ଏଥିପାଇଁ ପାର୍କ ଉତ୍ସବରେ ପ୍ରବଳ ଭିଡ଼ ଲାଗିଥିଲା।

ଚଳିତଥର 'ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା'କୁ ନେଇ ତୃତୀୟ ପାର୍କ ଉତ୍ସବର ଆୟୋଜନ କରାଯାଇଥିଲା। ଗୋଟିପୁଅ ନୃତ୍ୟ, ଚିତ୍ରକଳା, କାହାଣୀ, ଯୋଗ, ମାଟି କଳାକୃତି ତିଆରି, ଆମୋଦପ୍ରମୋଦ ଆଦି ସମସ୍ତ କାର୍ଯ୍ୟକ୍ରମ ଓଡ଼ିଆଙ୍କ କଥା କହିଥିଲା। ଲୋକେ ନାଚଗୀତ ସହ ଜଗିଂ ଓ ସ୍ୱାସ୍ଥ୍ୟ ଶିବିରରେ ନିଜକୁ ସାମିଲ୍ କରିଥିଲେ। ଏହାବ୍ୟତୀତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା 'ଇଜ୍ ଅଫ୍ ଲିଭିଂ' ସର୍ଭେରେ ନାଗରିକମାନେ ସାମିଲ ହେବା ପାଇଁ ସଚେତନ କରାଯାଇଥିଲା। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶର ୧୦୦ଟି ସ୍ମାର୍ଟସିଟିକୁ ନେଇ ଆରମ୍ଭ ହୋଇଥିବା ଏହି ସର୍ଭେରେ ଭୁବନେଶ୍ୱରକୁ ଏକ ବାସ ଉପଯୋଗୀ ସହର ବୋଲି ପ୍ରମାଣିତ କରିବାର ସମୟ ଆସିଛି। ଭୁବନେଶ୍ୱରର ସମସ୍ତ ନାଗରିକ ନିଜ ସହରକୁ ସ୍ମାର୍ଟସିଟି ଭଳି ଦେଶର ନଂ.୧ ବାସ ଉପଯୋଗୀ କରିବା ପାଇଁ ଚୌଧାରୀ ଆହ୍ୱାନ ଦେଇଥିଲେ। ତା'ସହ ବିଏମ୍‌ସି ଦ୍ୱାରା 'ମୁଁ ସଫେଇବାଲା ଅଭିଯାନ'ରେ ନାଗରିକଙ୍କୁ ସାମିଲ କରିବା ପାଇଁ ମଧ୍ୟ ସଚେତନ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ କଳାକାରମାନେ ଯୋଗଦେଇ ସହରବାସୀଙ୍କୁ ନାଚଗୀତରେ ହଜାଇ ଦେଇଥିଲେ।









ଉଲ୍ଲେଖଯୋଗ୍ୟ, ସହରର ୭ ମୁଖ୍ୟ ଓ ବଡ଼ ପାର୍କରେ ଆସନ୍ତା ମାର୍ଚ୍ଚ ୧୫ ଯାଏ ପ୍ରତି ରବିବାର ସକାଳ ୭ଟାରୁ ୯ଟା ଯାଏ ଏହି ଉତ୍ସବ ହେବ। ରବିବାର ତୃତୀୟ ପାର୍କ ଉତ୍ସବରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଉଭୟ ପାର୍କରେ ୧୦ ଜଣ ଲେଖାଏ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଆସନ୍ତା ରବିବାର ୧୦ ତାରିଖରେ ମହାତ୍ମା ଗାନ୍ଧୀ ଓ ବୁଦ୍ଧ ଜୟନ୍ତୀ ପାର୍କରେ ପାର୍କ ଉତ୍ସବ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଶ୍ରୀମା



ନରେଶ



ସୌମ୍ୟା



ଜୀବନ



ଜ୍ୟୋତିରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଅସମାନତା ସାମ୍ବିଧାନିକ ନୈତିକତା ପ୍ରତି ଆହ୍ୱାନ ସୃଷ୍ଟି କରିଛି

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

**ଡକ୍ଟର ବି.ଆର୍. ଆମ୍ବେଡକର ସ୍ମାରକୀ ବକ୍ତୃତାମାଳାରେ ହର୍ଷ ମନ୍ଦେରଙ୍କ ମତ**



ଦେଶରେ ଅର୍ଥନୈତିକ ଅସମାନତା ଓ ଅସହିଷ୍ଣୁତା ବୃଦ୍ଧି ପାଉଥିବାରୁ ତାହା ସାମ୍ବିଧାନିକ ନୈତିକତା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ପୂର୍ବତନ ପ୍ରଶାସକ ତଥା ବିଶିଷ୍ଟ ଗ୍ରନ୍ଥକାର ଡକ୍ଟର ହର୍ଷ ମନ୍ଦେର କହିଛନ୍ତି। ଭୁବନେଶ୍ୱରସ୍ଥିତ 'ନିଶ୍ୱାସ'ରେ ରବିବାର ଆୟୋଜିତ 'ସାମ୍ବିଧାନିକ ନୈତିକତା ପ୍ରତି ଚ୍ୟାଲେଞ୍ଜ: ଡକ୍ଟର ଆମ୍ବେଡକରଙ୍କଠାରୁ ଶିକ୍ଷା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି ସେ ଏଭଳି ମତବ୍ୟକ୍ତ କରିଛନ୍ତି।

ଆମ୍ବେଡକର ସ୍ମାରକୀ ବାର୍ଷିକ ବକ୍ତୃତାମାଳାରେ ଯୋଗଦେଇ ଡ. ମନ୍ଦେର ବର୍ତ୍ତମାନ ସ୍ଥିତିରେ ସାମ୍ବିଧାନିକ ମୂଲ୍ୟବୋଧ ଧାରଣାର କ୍ରମବର୍ଦ୍ଧିଷ୍ଣୁ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ସାମ୍ବିଧାନିକ ନୈତିକତା ଉପରେ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜ ଯୋଗୁ ଅସମାନତା ଏତେ ବଢ଼ିଯାଇଛି ଯେ ଦେଶର ୫୦ ପ୍ରତିଶତ ଧନ ମାତ୍ର ୯ ଜଣ ବ୍ୟକ୍ତିଙ୍କ ହାତକୁ ଚାଲିଯାଇଛି। ଗତବର୍ଷ ଶୀର୍ଷ ଦେଢ଼ ପ୍ରତିଶତ ଧନୀଙ୍କ ସମ୍ପତ୍ତିର ପରିମାଣ କେନ୍ଦ୍ର ବଜେଟଠାରୁ ଅଧିକ ଥିଲା। ଦେଶବ୍ୟାପୀ କର୍ମଜୀବୀ ମହିଳା ଓ ଛାତ୍ର ଗୋଷ୍ଠୀର ବିଦ୍ରୋହକୁ ସେ ସ୍ୱାଧୀନତା ସଂଗ୍ରାମ ସହ ତୁଳନା କରି କହିଛନ୍ତି, ଏହି ଦୁଇ ଆନ୍ଦୋଳନ ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଉଦ୍ଦିଷ୍ଟ, ଯାହାକି ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃଭାବ ଭଳି ସମ୍ବିଧାନର ନୈତିକତାକୁ ବଜାୟ ରଖିବ। ସେମାନେ ହେଉଛନ୍ତି ଦେଶରେ ସାମ୍ବିଧାନିକ ନୈତିକତାର ରକ୍ଷକ। ତେଣୁ ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା ହେଉଛି ଗାନ୍ଧିଜୀଙ୍କ 'ସମ୍ପୂର୍ଣ୍ଣ ପ୍ରେମ' ଓ ଆମ୍ବେଡକରଙ୍କ 'ସାମଗ୍ରିକ ସମାନତା'। ଏହି ଦୁଇ ଧାରଣା ସମ୍ବିଧାନର ଭ୍ରାତୃତ୍ୱ ବା ବନ୍ଧୁତ୍ୱର ମୌଳିକ ମୂଲ୍ୟବୋଧକୁ ବଳବତ୍ତର ରଖିଥାଏ ବୋଲି ଡକ୍ଟର ମନ୍ଦେର ପ୍ରକାଶ କରିଛନ୍ତି। ତାଙ୍କ ମତରେ ଭ୍ରାତୃତ୍ୱ ସମସ୍ତ ଧର୍ମ ଓ ଜାତିର ଲୋକଙ୍କୁ ସଂଖ୍ୟାଲଘୁଙ୍କ ସହ ଯୋଡ଼ିଥାଏ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ କେନ୍ଦ୍ର ସଚିବ ତଥା 'ନିଶ୍ୱାସ'ର ପ୍ରତିଷ୍ଠାତା ଡକ୍ଟର ରାଧାକାନ୍ତ ନାୟକ ଏହି ଅବସରରେ ହର୍ଷ ମନ୍ଦେରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# 'ଏକ୍ ଜେ ଚିଲୋ ଯମ'ରେ ଧର୍ମନିରପେକ୍ଷ ଭାରତର ବାର୍ତ୍ତା

**ପୁରୀ ଅଫିସ, ୨୩।୨**



ବଙ୍ଗଳା ଚଳଚ୍ଚିତ୍ର 'ଏକ୍ ଜେ ଚିଲୋ ଯମ'ର ଏକ ଦୃଶ୍ୟ।





**ବାଏ ଅଫ୍‌ର ତୃତୀୟ ସନ୍ଧ୍ୟା**

ଧର୍ମକୁ ନେଇ ଅନେକ ରାଜନୀତି କରୁଛନ୍ତି। କୌଣସି ଧାର୍ମିକ ପ୍ରସଙ୍ଗକୁ ଇସ୍ୟୁ କରିଦେଲେ ରାଜନୀତିରେ ସଫଳତା ମିଳିଯିବ ବୋଲି ଅନେକଙ୍କ ମାନସିକତା ରହିଛି। କିନ୍ତୁ ତାହା ନୁହେଁ। ଧର୍ମନିରପେକ୍ଷ ଭାରତ ହିଁ ସମସ୍ତଙ୍କର ଲକ୍ଷ୍ୟ ରହିବା ଉଚିତ। ଏଭଳି କ୍ଷେତ୍ରରେ ହଠାତ୍ ଦିନେ ଜଣେ ସାଧାରଣ ମଣିଷ ପାଖରେ ପହଞ୍ଚିଛନ୍ତି ଯମରାଜ। ସମ୍ପୃକ୍ତ ବ୍ୟକ୍ତି ଜଣେ ହିନ୍ଦୁ। କିନ୍ତୁ ହିନ୍ଦୁମାନେ ଖାଉ ନ ଥିବା ମାଂସ ସେ ଖାଉଥିଲେ। ଏଭଳି ବ୍ୟତିକ୍ରମ ଦେଖି ଯମରାଜ ତାଙ୍କୁ ପାପୀ ବୋଲି କହିଲେ। ତୁମର ଆଉ ବଞ୍ଚିବାର ଅଧିକାର ନାହିଁ, ତୁମକୁ ମରିବାକୁ ପଡ଼ିବ। ଏହାଶୁଣି ଲୋକଟି ଡରିଗଲା। ମାଂସ ଖାଉଥିଲେ ବି ତାର ଧର୍ମ ନଷ୍ଟ ହୋଇନାହିଁ ବୋଲି କିପରି ନିଜକୁ ପ୍ରମାଣିତ କରିବ ଲୋକଟି ଚିନ୍ତାରେ ପଡିଗଲା। ଯମରାଜ ମୃତ୍ୟୁ ପୂର୍ବରୁ ତାଙ୍କୁ ତାଙ୍କର ଶେଷ ଇଚ୍ଛା କ'ଣ ବୋଲି ପଚାରିଲେ। ଲୋକଟି କହିଲା ଧର୍ମନିରପେକ୍ଷ ଭାରତ ବର୍ଷରେ ମୁଁ ମରିବାକୁ ଚାହେଁ। ଯଦି ମତେ ମାରିବାକୁ ଚାହୁଁଛ ତେବେ ପ୍ରଥମେ ଭାରତକୁ ଧର୍ମନିରପେକ୍ଷ ରାଷ୍ଟ୍ର କର। ହେଲେ ଏଥିରେ ଯମରାଜ ଅସମର୍ଥ ହେଲେ ଏବଂ ହାରିଗଲେ। ଲୋକଟିକୁ ମାରିପାରିଲେ ନାହିଁ। ଏମିତି ଏକ କାହାଣୀ ଉପରେ ପର୍ଯ୍ୟବସିତ ବଙ୍ଗଳା ଚଳଚ୍ଚିତ୍ର 'ଏକ୍ ଜେ ଚିଲୋ ଯମ' ପ୍ରଦର୍ଶିତ ହୋଇଥିଲା ବାଏ ଅଫ୍‌ର ତୃତୀୟ ସନ୍ଧ୍ୟାରେ। ଶର୍ମି ପାଣ୍ଡେଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଧର୍ମନିରପେକ୍ଷ ଭାରତର ବାର୍ତ୍ତା ଦେଇଥିଲା। ଧର୍ମକୁ ନେଇ କେହି ରାଜନୀତି ନ କରନ୍ତୁ। ଭାରତ ଭଳି ଏକ ଶାନ୍ତିପ୍ରିୟ ଦେଶରେ ସମସ୍ତେ ନିଜ ଧର୍ମକୁ ନେଇ ଆଗକୁ ବଢନ୍ତୁ ବୋଲି ବ୍ୟଙ୍ଗାତ୍ମକ ଚଳଚ୍ଚିତ୍ର 'ଏକ୍ ଜେ ଚିଲୋ ଯମ'ରେ ଦର୍ଶାଯାଇଥିଲା। ଏହାବ୍ୟତୀତ ତୃତୀୟ ସନ୍ଧ୍ୟାରେ କଫିନ, ଡୁବୁରୀ, କ୍ଷଣିକ, ପ୍ରତିବିମ୍ବ ପ୍ରଭୃତି ଚଳଚ୍ଚିତ୍ରର ସ୍କ୍ରିନିଂ କରାଯାଇଥିଲା।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ପେଟ୍‌କୋ ବୋଝେଇ ଟ୍ରକ୍ ଜବତ: ଚାଳକ ଗିରଫ

**ଖୁଣ୍ଟୁଣୀ, ୨୩।୨(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଅଧୀନ କୁସପଙ୍ଗୀଠାରେ ପେଟ୍‌କୋ(ଉଚ୍ଚ କ୍ଷମତା ସମ୍ପନ୍ନ କୋଇଲା) ବୋଝେଇ ଏକ ଟ୍ରକ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ଟ୍ରକ ଚାଳକ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ବୋରିଖି ଗ୍ରାମର ବିଶ୍ୱସୁନମ ଦାସଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏହି କାରବାରରେ ସମ୍ପୃକ୍ତ ଥିବା ଜଣେ ଯୁବକ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୁସପଙ୍ଗୀ ଅଞ୍ଚଳର ପ୍ରାୟ ୬ଟି ସ୍ଥାନରେ ଚୋରା ପେଟ୍‌କୋ, ଡିଜେଲ, ପେଟ୍ରୋଲ, କୋଇଲା କାରବାର ସମେତ କୁସପଙ୍ଗୀ-ବ୍ରାହ୍ମଣବସ୍ତ ରାସ୍ତାରେ ଏକ କାରଖାନା ଭିତରେ କୋଇଲାରେ ମାଟି ମିଶାଇ ଅପମିଶ୍ରଣ କରାଯାଉଥିବା ଜିଲା ପୋଲିସ ଜାଣିବାକୁ ପାଇଥିଲା। ଏଥିପାଇଁ ପୋଲିସ ସଜାଗ ରହିବା ସହ ପାଟ୍ରୋଲିଂ କଡାକଡି କରାଯାଇଥିଲା। ଗତ ଶନିବାର ଏହି ଟ୍ରକ୍ ପାରାଦୀପରୁ ପେଟ୍‌କୋ ନେଇ ରାୟପୁରର ଛତିଶଗଡ ଯାଉଥିଲା। ହେଲେ କୁସପଙ୍ଗୀଠାରେ ଥିବା ଚୋରା ବେପାରୀଙ୍କ ଡିପୋରେ ଚାଳକ ଜଣକ ଏହି ଟ୍ରକ ପୂରାଇ ପେଟ୍‌କୋ ଖାଲି କରୁଥିବାବେଳେ ଥାନାଧିକାରୀ ବିଜୟ କେତନ ବିସି ପହଞ୍ଚି ଜବତ କରିଥିଲେ। କୁସପଙ୍ଗୀ ଅଞ୍ଚଳରେ ଦୀର୍ଘଦିନ ହେବ ଏହି କାରବାର କରୁଥିବା ଚାଳକ ଜଣକ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

### ପୀୟୂଷ ହେଲେ କଣ୍ଟାପଡ଼ା ବ୍ଲକ ବିଜେଡି ସଭାପତି

**କଣ୍ଟାପଡା, ୨୩।୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ବିଜେଡି ସଭାପତି ଭାବେ ପୀୟୂଷ ମିଶ୍ର ମନୋନୀତ ହୋଇଛନ୍ତି। ରବିବାର କଣ୍ଟାପଡା ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ କର୍ମୀ ବୈଠକରେ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ଯୋଗଦେଇ ପୀୟୂଷଙ୍କୁ ବ୍ଲକର ନୂତନ ସଭାପତି ଭାବେ ଘୋଷଣା କରିଥିଲେ। ଏହି ଅବସରରେ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧକ୍ଷ ସୁଦର୍ଶନ ରାଉତରାୟ, ଆମ୍ବାର ସଭାପତି ନକୁଳ ରାଉତ, ବିମାନ ବିହାରୀ ବେହେରା ଓ କୈଳାସ ମହାରଣା ପ୍ରମୁଖ ନୂତନ ସଭାପତି ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ବୈଠକରେ ବ୍ଲକ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

**କଟକ ସଦର, ୨୩।୨ (ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ କୋସିଦାଠାରେ ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଭାବୀ ବିକ୍ରି, କୃଷିର ବିକାଶ, ମାଙ୍କଡ ଓ ଷଣ୍ଢ ଉପଦ୍ରବରୁ ଚାଷଜମିର ସୁରକ୍ଷା ଏବଂ ସ୍ଥାନୀୟ ଅଞ୍ଚଳର ଜଳସେଚନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ସୁବାସ ଚନ୍ଦ୍ର ଗଣ୍ଡ, ରାମଚନ୍ଦ୍ର ରାଉତ, ଜଗଦୀଶ ତ୍ରିପାଠୀ, କିଶୋର ଜେନା, ରମାକାନ୍ତ ପରିଡା ଓ ସୁକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

### ସ୍ମିତାରାଣୀ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀକୁ ମନୋନୀତ

**କଣ୍ଟାପଡା, ୨୩।୨(ଡି.ଏନ୍.ଏ.) :** କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟାଭାବେ ମନୋନୀତ ହୋଇଛନ୍ତି। ସେ ୩ବର୍ଷହେଲା କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ପଦବୀରେ ରହିବା ପରେ ବ୍ଲକରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟ ସୁଦୃଢ଼ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥାପ୍ରକଟ କରି ତାଙ୍କୁ ରାଜ୍ୟସ୍ତରକୁ ମନୋନୀତ କରିଛନ୍ତି।

### ୩ ବଖରା ଜଳିଗଲା

**ବାଙ୍କୀ, ୨୩।୨ (ସ୍ୱ.ପ୍ର)-** ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଡମପଡ଼ା ବ୍ଲକ ଭେଡା ରାମଚନ୍ଦ୍ରପୁର ଗ୍ରାମର ବାଉରୀ ବନ୍ଧୁ ଗୋଛି, ବିଜୟ କୁମାର ଗୋଛି ଓ ସଞ୍ଜୟ ଗୋଛିଙ୍କ ୩ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ବାଙ୍କୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁଙ୍କ ନିର୍ଦ୍ଦେଶରେ ସଦର ଆରଆଇ ତାପସ ପଣ୍ଡା ଓ କର୍ମଚାରୀ ବିପନ୍ନମାନଙ୍କୁ ପାଲ ଯୋଗାଇଦେଇଛନ୍ତି।

# ୨ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ନିଶ୍ଚିନ୍ତକୋଇଲି, ୨୩।୨(ସ୍ୱ.ପ୍ର.)**

**କଟିକଟା ଗୁଳିକାଣ୍ଡ**
- ବିତିଲାଣି ୧୫ ମାସ
- ରାଜ୍ୟ ଛାଡି ଚାଲିଯାଇଥିବା ଆଶଙ୍କା

ଅପରାଧ ଘଟାଇବା ପରେ ଅପରାଧୀମାନେ ଅନେକ ସମୟରେ ଖସିଯାଉଥିବା ବେଳେ ସେମାନଙ୍କୁ ଧରିବାରେ ପୋଲିସ ପ୍ରଶାସନ ବିଫଳ ହେଉଛି। ଫଳରେ ପୀଡିତ ଅବା ପୀଡିତା ପରିବାର ନ୍ୟାୟ ପାଉ ନ ଥିବା ବେଳେ ଅପରାଧୀମାନେ ପୁନର୍ବାର ଅପରାଧ କରିବାକୁ ପଛାଉନାହାନ୍ତି। ଏପରି ଏକ ନଜିର ଦେଖିବାକୁ ମିଳିଛି କଟକ ଜିଲାର ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ । କଟକ-ଚାନ୍ଦବାଲି ରାସ୍ତାର କଟିକଟା ବଜାରରେ ଘଟିଥିବା ଏକ ଗୁଳିକାଣ୍ଡ ମାମଲାକୁ ୧୫ ମାସ ବିତି ଯାଇଥିଲେ ମଧ ଏଯାବତ ଘଟଣାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ ।

ଗତ ୨୧ ନଭେମ୍ବର ୨୦୧୮ରେ କାର୍ତ୍ତିକ ମହୋତ୍ସବ ସରିବା ବେଳକୁ ଏହି ଗୁଳିକାଣ୍ଡ ହୋଇଥିଲା। ଏଥିରେ ସେକ୍ ଇମ୍ରାନ ଓରଫ ଅବୁବକ୍ର ଓ ନିତ୍ୟାନନ୍ଦ ମଲିକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ନିଶ୍ଚିନ୍ତକୋଇଲି ଥାନାରେ ମାମଲା (ନଂ.୮୩/୧୮)ରୁଜୁ ହୋଇଥିଲା। ପରେ ପୋଲିସ ପକ୍ଷରୁ ଏହି ମାମଲାରେ ୧୪ ଡିସେମ୍ବର ୨୦୧୮ରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ସତ୍ୟବ୍ରତ ମିଶ୍ର (୨୮) ଓ କେନ୍ଦ୍ରାପଡା ଗ୍ୟାଙ୍ଗଷ୍ଟର ହାଇଦରଙ୍କ ପୁଅ ଅଜୋ (୨୩)ଙ୍କୁ ଗିରଫ କରିଥିଲା। ମାତ୍ର ଏଥିରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଉଭୟ ହେଲେ ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଗୋପାଳପୁରର ସେବବସର ଅଲ୍ଲୀ ଓ କେନ୍ଦ୍ରାପଡାର ସେକ୍ ରୁନୁ । ତତ୍କାଳୀକ ସମୟରେ ବିଭାଗୀୟ ପୋଲିସ ଅଧିକାରୀ ଖବରଦାତା ସମ୍ମିଳନୀ କରି ଖୁବ୍‌ଶୀଘ୍ର ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସ୍ୱଷ୍ଟୀକରଣ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା କୁହନ୍ତି, ଅଭିଯୁକ୍ତଦ୍ୱୟ ଓଡିଶା ବାହାରକୁ ଚାଲିଯାଇଥିବା ଆଶଙ୍କା କରାଯାଉଛି। ଏନେଇ ସେମାନଙ୍କୁ ଗିରଫ କରିବାରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରିବା ନିମନ୍ତେ ପଦକ୍ଷେପ ନିଆଯିବ ।

**କ'ଣ ଥିଲା ସେଦିନର ଦୃଶ୍ୟପଟ**

କଟିକଟା ବଜାର ନିକଟରେ କାର୍ତ୍ତିକେଶ୍ୱର ମହୋତ୍ସବର ଶେଷ କାର୍ଯ୍ୟକ୍ରମ ଚାଲିଥାଏ। ଏହି ସମୟରେ ବଜାରରେ ବସି ମାହାଙ୍ଗା ଥାନା ଅନ୍ତର୍ଗତ ଭରତପଡା ଗ୍ରାମର ସେକ୍ ଇମ୍ରାନ ଅଭିଯୁକ୍ତମାନଙ୍କ ସହ କଥା ହେଉଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଅଭିଯୁକ୍ତମାନେ ତାଙ୍କ ଉପରକୁ ଗୁଳିମାଡ କରିଥିଲେ। ଫଳରେ ଘଟଣାସ୍ଥଳରେ ସେକ୍ ଇମ୍ରାନଙ୍କ ମୃତ୍ୟୁ ଘଟିଥିଲା। ସେଠାରେ ଉପସ୍ଥିତ ଥିବା କଟିକଟା ପଞ୍ଚାୟତ ନୂଆଗାଁର ଉତ୍ତମ ଦାସ, ପଶ୍ଚିମଖଣ୍ଡଭୋଳ ଗ୍ରାମର ରଘୁନାଥ ମଳିକ ଓ ବନମାଳୀପୁର ଗ୍ରାମର ନିତ୍ୟାନନ୍ଦ ଗୁଳିମାଡ଼ କରିଥିବା ଅଭିଯୁକ୍ତମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଖସି ଯିବା ପାଇଁ ଆଖିବୁଜା ଗୁଳି ଚାଳନା କରିଥିଲେ। ଏହି ସମୟରେ ଗୋଟିଏ ଗୁଳି ନିତ୍ୟାନନ୍ଦଙ୍କ ପେଟରେ, ଉତ୍ତମ ଦାସଙ୍କ ଅଣ୍ଟା ତଳେ ଓ ରଘୁନାଥ ମଳିକଙ୍କ ଗୋଡ଼ରେ ବାଜିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବି କରି ଶତାଧିକ ଲୋକ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୯ରେ କଂଗ୍ରେସର ବାଙ୍କୀ ବନ୍ଦ ଡାକରା

**ବାଙ୍କୀ, ୨୩।୨ (ସ୍ୱ.ପ୍ର.)**

ବାଙ୍କୀ ଖଜୁରିପଦା ଡବଲ ମର୍ଡର ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ଆସନ୍ତା ୨୯ରେ ବାଙ୍କୀ ବନ୍ଦ ଡାକରା ଦିଆଯାଇଛି। ଗତ ୧୫ ତାରିଖରେ ଘଟିଥିବା ଡବଲ ମର୍ଡର ଘଟଣାରେ ଖବରଦାତା ଆଦିତ୍ୟ ରଣସିଂହ ଓ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ଏହି ଘଟଣାକୁ ଇତିମଧ୍ୟରେ ୯ ଦିନ ବିତିଯାଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ରବିବାର ବାଙ୍କୀ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ପାଇଁ ବାଙ୍କୀ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ କଂଗ୍ରେସର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କଚେରି ନିକଟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଟାଉନ୍ ପରିକ୍ରମା କରି ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ତଦନ୍ତକାରୀ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳଙ୍କ ସହ ଦେବାଶିଷ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏହି ଘଟଣାରେ ସମସ୍ତ ଦିଗକୁ ବିଚାର କରାଯାଇ ତଦନ୍ତ କରାଯିବା ବୋଲି ଉପଖଣ୍ଡ ପୋଲିସ୍ ଅଧିକାରୀ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ। ଶୋଭାଯାତ୍ରାରେ ବାଙ୍କୀ ଉପଖଣ୍ଡ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, କ୍ଷେତ୍ରବାସୀ ଦାଶ, ନରେଶ ସାହୁ, କୁବେର ଚୌଧୁରୀ, ଭଗବାନ ପ୍ରଧାନ, ମଣ୍ଟୁ ମାଝୀ, ପିୟୁଷ ସାହୁ, ନକୁଳ ପ୍ରଧାନ ଓ ବାବୁଲି ଦଳେଇ, ପ୍ରମୁଖ ଯୋଗ ଦେଇଥିଲେ।

**ବାଙ୍କୀ ଡବଲ ମର୍ଡର ଘଟଣା**



କଂଗ୍ରେସ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

## ବାଇକ୍ ଧକ୍କାରେ ଜଣେ ମୃତ

**ବଡମ୍ବା, ୨୩।୨(ଡି.ଏନ୍.ଏ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଭଟ୍ଟାରିକା ଛକରେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପପୁର ଗ୍ରାମର ରମେଶ ଲେଙ୍କା (୫୧) । ସେ ସୁନାପାଳରେ ଏକ ମେଲୋଡି କାର୍ଯ୍ୟକ୍ରମ ଦେଖି ଘରକୁ ଚାଲିଚାଲି ଫେରୁଥିବା ବେଳେ ଭଟ୍ଟାରିକା ଛକରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ରମେଶ ଗୁରୁତର ହୋଇଥିବା ବେଳେ ବାଇକ୍ ଚାଳକ ଓ ୨ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି । ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଘଟଣାରେ ଆହତ ହୋଇଥିବା ବାଇକ୍ ଚାଳକ ଓ ଜଣେ ଆରୋହୀଙ୍କୁ କଟକ ପଠାଯାଇଛି। ଖବରପାଇ ପୋଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ଏନେଇ ବଡମ୍ବା ଥାନାରେ ମାମଲା (ନଂ.୪୮/୨୦)ରୁଜୁ ହୋଇଛି।

# ପୂର୍ବଶତ୍ରୁତାରୁ ହତ୍ୟାକାଣ୍ଡ: ଆଉ ଜଣେ ଅଭିଯୁକ୍ତ ଗିରଫ

**ବଡ଼ମ୍ବା, ୨୩।୨(ଡି.ଏନ୍.ଏ.)**

ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧ ଫାଣ୍ଡି ନିକଟରେ ୨୦୧୮ରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ବିକାଶ ବେହେରା ହତ୍ୟାକାଣ୍ଡ ଘଟଣାରେ ବଡ଼ମ୍ବା ଥାନା ପୋଲିସ ରବିବାର ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ପ୍ରଶାନ୍ତ ଜେନା(୨୯)। ତାଙ୍କ ଘର ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ସନ୍ତରାବଳି ଗ୍ରାମରେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କାଳିଆ ଜେନାଙ୍କ ସେ ଭାଇ ବୋଲି ଜଣାପଡିଛି। ପୂର୍ବରୁ କାଳିଆ ଗିରଫ ହୋଇ ଜେଲ୍‌ରେ ରହିଛନ୍ତି। କାଳିଆଙ୍କ ସହ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ବିକାଶଙ୍କ ପୂର୍ବଶତ୍ରୁତା ଲାଗି ରହିଥିଲା। ଏନେଇ ଘଟଣା ଦିନ କାଳିଆ ଓ ତାଙ୍କ ସହଯୋଗୀଙ୍କ ସହ ବିକାଶଙ୍କ ପାଟିତୁଣ୍ଡ ହୋଇଥିଲା। ଏହାକ୍ରମେ ଉଗ୍ରରୂପ ଧାରଣ କରିଥିଲା। କାଳିଆ ଓ ତାଙ୍କ ସହଯୋଗୀମାନେ ବିକାଶଙ୍କୁ ଖଣ୍ଡା ଓ ଭାଲିରେ ଆକ୍ରମଣ କରିବା ସହ ସେଠାରେ ବୋମ୍ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ବିକାଶଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବଡ଼ମ୍ବା ଥାନାରେ ମାମଲା (ନଂ.୧୪୮/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଥିଲା। ରବିବାର ମାଣିଆବନ୍ଧ ଫାଣ୍ଡି ପୋଲିସ ଓ ବଡମ୍ବା ପୋଲିସର ମିଳିତ ସହଯୋଗରେ ମାଣଆବନ୍ଧ ଅଞ୍ଚଳରୁ ପ୍ରଶାନ୍ତଙ୍କୁ ଗିରଫ କରିଛି । ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବଡ଼ମ୍ବା ଥାନା ଆଇଆଇସି ପ୍ରଭାତ ମଲ୍ଲିକ ସୂଚନା ଦେଇଛନ୍ତି।

# ମଧୁବନ ଦିବାରାତ୍ର କ୍ରିକେଟ୍: ରୁମାବତୀ କ୍ୟାପିଟାଲ ବିଜୟୀ



ଟ୍ରଫି ସହ ବିଜୟୀ ଦଳର ଖେଳାଳି।

**ନରାଜ, ୨୩।୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁବନ ଯାତ୍ରା ଖେଳ ପଡ଼ିଆରେ ଦିବାରାତ୍ର କ୍ରିକେଟ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଜୟୀ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ସକାଳେ ଶେଷ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ରୁମାବତୀ କ୍ୟାପିଟାଲ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୧୨ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ମା'ମଙ୍ଗଳା କ୍ଲବ ଓ ରୁମାବତୀ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଟସ୍ ଜିତି ରୁମାବତୀ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ କୌଣସି ଉଇକେଟ ନ ହରାଇ ୫୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ମା'ମଙ୍ଗଳା କ୍ଲବ କୌଣସି ଉଇକେଟ ନ ହରାଇ ୫ ଓଭରରେ ୩୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରୁମାବତୀ ବିଜୟୀ ହୋଇଥିଲା। ଏହି ଦଳର ରାଜା ରାଉତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ରାଇଜିଙ୍ଗ ଷ୍ଟାର ଦଳର ସୁସିଲ ଦାସ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଟୁର୍ନାମେଣ୍ଟରେ ଅମ୍ପାୟାର ଭାବେ ସିଲୁ ମାଝି, ପ୍ରଭାତ ସାହୁ ଓ ବିଚିତ୍ର ପ୍ରଧାନ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ନିଳକଣ୍ଠ ବେହେରା, ମଧୁପୁର ସରପଞ୍ଚ ସୁମିନା ପ୍ରଧାନ, ପୂର୍ବତନ ବାଙ୍କୀ ବିଧାୟକ ଦେବାଶିଷ ପଟ୍ଟନାୟକ, ଭାଜପା ଯୁବ ନେତା ତୁଷାର କାନ୍ତ ଚକ୍ରବର୍ତ୍ତି, ଯୁବ ନେତା କିଶନ ଜେନା, ବାଙ୍କବିହାରୀ ମାଝି, ପବିତ୍ର ପ୍ରଧାନ ଓ ଖବରଦାତା ନବକିଶୋର ରାଉତ ଯୋଗଦେଇଥିଲେ।

ଶେଷରେ ଅତିଥିମାନେ ବିଜେତା ଦଳକୁ ୪ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୩ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ କ୍ଲବର କିଶୋର ପ୍ରଧାନ,ବାପିନା ପ୍ରଧାନ, ପିଙ୍କୁ ପ୍ରଧାନ ଓଲିଟୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ କଟୁରିରେ ଆକ୍ରମଣ

**ସାଲେପୁର, ୨୩।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ନାନ୍ଦୋଳ ପଞ୍ଚାୟତରେ ଜମିଜମା ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ନାନ୍ଦୋଳ ଗ୍ରାମର କ୍ଷୀରୋଦ ଚନ୍ଦ୍ର ଦାସ। କ୍ଷୀରୋଦ ସ୍ଥାନୀୟ ଖେଳପଡିଆରେ ଖେଳୁଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଆକ୍ରମଣ ପରେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା ବେଳେ ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# କ୍ରିକେଟ୍ ଟୁର୍ନାମେଣ୍ଟ: କୁଣ୍ଡି ଚାମ୍ପିୟନ୍



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ମାହାଙ୍ଗା, ୨୩।୨(ସ୍ୱ.ପ୍ର.)**

ମାହଙ୍ଗା ବ୍ଲକ ଅନ୍ତର୍ଗତ କାହ୍ନପୁର ଖେଳପଡିଆ ପରିସରରେ ଚାଲିଥିବା ପ୍ରିମିୟମ୍ ଲିଗ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଣ୍ଡି କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଥିବା ବେଳେ କୁଣ୍ଡି ଓ ଚାରି ନଙ୍ଗଳ କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲକୁ ମ୍ୟାଚ ହୋଇଥିଲା। ଟସ୍ ଜିତି ପ୍ରଥମେ କୁଣ୍ଡି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ୍ ହରାଇ ୬୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଚାରିନଙ୍ଗଳ କ୍ରିକେଟ୍ ଟିମ୍ ୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୪୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ କୁଣ୍ଡି ବିଜୟୀ ହୋଇଥିବା ବେଳେ ଚାରିନଙ୍ଗଳ ରନର୍ସ ଅପ୍ ହୋଇଥିଲା । ମ୍ୟାଚରେ ଖୁର୍ସିଦ୍ ଆଲାମ୍ ମ୍ୟାନ ଅପ୍ ଦି ମ୍ୟାଚ୍ ରାଜା ମ୍ୟାନ୍ ଅପ୍ ଦି ସିରିଜ୍ ବିବେଚିତ ହୋଇଥିଲେ । ଅନନ୍ତକିଶୋର ରାଉତ ଓ ପିଙ୍କୁ ନାୟକ ଏହାକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ଅମିୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତଅତିଥି ଭାବେ ଯୁବନେତା ରମେଶ ପରିଡା, ଆଇନ୍‌ଜୀବୀ ଉମେଶ ଭଞ୍ଜ, ଯୁବ ସଂଗଠକ ପ୍ରଦିପ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ । ଅରବିନ୍ଦ ରାଉତ, ବିଶ୍ୱରଞ୍ଜନ ଭଞ୍ଜ, ଅବିନାଶ ସାମଲ, ଦୀପକ ବାରିକ, ତୁସାର ରାଉତ ଓ ବିଶ୍ୱରଞ୍ଜନ ପରିଡା ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍କୁଲ ବସ୍‌ରେ ଲାଗିଲା ବିଦ୍ୟୁତ୍ ତାର: ଭାଙ୍ଗିଲା ଖୁଣ୍ଟ

**ନରାଜ, ୨୩।୨(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ଚଣ୍ଡୀପ୍ରସାଦ ଗ୍ରାମରେ ରବିବାର ରାତିରେ ଏକ ସ୍କୁଲ ବସ୍‌ରେ ବିଦ୍ୟୁତ୍ ତାର ଲାଗି ଖୁଣ୍ଟ ଭାଙ୍ଗିଯାଇଛି। ଏଥିସହ ବସ୍‌ର ସମ୍ମୁଖ ଭାଗ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ କାହାର କୌଣସି କ୍ଷତି ହୋଇ ନଥିବା ସୂଚନା ମିଳିଛି। ଭୋଜି ପରେ ପିଲାଙ୍କୁ ଘରେ ଛାଡି ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ବସ୍ ଚାଳକ ଗାଡି ନେଇ ଫେରାର ହୋଇଯାଇଛି। ସ୍ଥାନୀୟ ଚଣ୍ଡୀପ୍ରସାଦ ସ୍କୁଲର ପିଲାମାନେ ଭୋଜି ସାରି ସ୍କୁଲ ବସ୍‌ରେ ଫେରିଥିଲେ। ବସ୍‌ଟି ପିଲାଙ୍କୁ ଘରେ ଛାଡି ଫେରିବା ବେଳ ଗାଁରେ ଓହଳି ଥିବା ଏଲ୍‌ଟି ଲାଇନରେ ଲାଗିଯାଇଥିଲା। ଫଳରେ ତାର ଘୋଷାଡି ହୋଇଯିବାରୁ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗିଯାଇଥିଲା। ତାର ଉପରେ କେବୁଲ ଲାଗିଥିବାରୁ ଓ ଲାଇନ କଟି ଯାଇଥିବାରୁ କୌଣସି ବଡ ଧରଣର ଦୁର୍ଘଟଣା ହୋଇ ନ ଥିଲା। ଗୋଡିସାହି ବିଦ୍ୟୁତ୍ ସେକ୍ସନ୍ ଅଧୀନରେ ଏହି ଗାଁ ରହିଥିବା ବେଳେ ଫନୀ ବାତ୍ୟା ପରଠାରୁ ଓହଳିଥିବା ତାର ମରାମତି ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବା ନେଇ ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଡିସହି ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀଧର ମିଶ୍ର କୁହନ୍ତି, ସେଠାରେ କୌଣସି ଉଚ୍ଚ ଭୋଲ୍‌ଟର ତାର ନ ଥିଲା । ଛିଣ୍ଡିଥିବା ତାର ଏଲ୍‌ଟି ଲାଇନ ହୋଇଥିବା ବେଳେ ମରାମତି ନିମନ୍ତେ ଲାଇନ୍ ମ୍ୟାନକୁ ପଠାଯାଇଛି।

# ଗ୍ରାମାଞ୍ଚଳରେ ସାଂସ୍କୃତିକ ଜାଗରଣ ସୃଷ୍ଟି କରୁଛି ମହୋତ୍ସବ

**ବାଙ୍କୀ, ୨୩।୨(ସ୍ୱ.ପ୍ର.)**

ଶିମିଳିପୁର ଜାଗର ମହୋତ୍ସବର ୨ୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ତୈର୍ଯ୍ୟୋତ୍ରିକ କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଜାଗର ମହୋତ୍ସବରେ ଅନୁଷ୍ଠାନର ସଭାପତି ଦେବୀଦତ୍ତ ବିଭୂତିରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଗ୍ରାମାଞ୍ଚଳରେ ଦୀର୍ଘ ୧୭ବର୍ଷ ଧରି ଚାଲିଥିବା ମହୋତ୍ସବର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହା ଗ୍ରାମାଞ୍ଚଳରେ ସାଂସ୍କୃତିକ ଜାଗରଣ ସୃଷ୍ଟି କରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ଅଶୋକ କୁମାର ମହାପାତ୍ର ଯୋଗଦେଇ ଜାଗର ମହୋତ୍ସବର ଦୀର୍ଘାୟୁ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଇଂ.ସୁଶାନ୍ତ କୁମାର ସାହୁ, ସୁଶାନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାୟକ, ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଅଶୋକ ମହାପାତ୍ର ଯୋଗଦେଇଥିଲେ। ମହୋତ୍ସବରେ ଖବରଦାତା ବିଭୁପ୍ରସାଦ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁବୋଧ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ ଅତିଥିମାନେ ମିନାବଜାର ପରିଦର୍ଶନ କରିଥିଲେ।

**ଶିମିଳିପୁର ଜାଗର ମହୋତ୍ସବର ୨ୟ ସନ୍ଧ୍ୟା**




ଜାଗରଯାତ୍ରା ମହୋତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଳବ୍ୟ



## ସଂକ୍ଷେପରେ

### ଋଷିକୁଲ୍ୟା ପରିଷଦର ବାର୍ଷିକ ଉତ୍ସବ

**କଟକ ଅଫିସ,୨୩।୨:** ଋଷିକୁଲ୍ୟା ପରିଷଦର ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜଷ୍ଟିସ ବାସୁଦେବ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ଗିରିଜା ପ୍ରସାଦ ଆଚାର୍ଯ୍ୟ ଯୋଗଦେଇଥିଲେ। ପରିଷଦର ଉପସଭାପତି ଗୌର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପଟ୍ଟନାୟକ, ଅଭିନେତା ଜୀବନ ପଣ୍ଡା, ରବୀନ୍ଦ୍ର ନାଥ ରଥ, ମନୋରଞ୍ଜନ ପାତ୍ର, ଇନ୍ଦିରା ନାୟକ ଉପସ୍ଥିତ ଥିଲେ। ବିଶ୍ୱଜିତ୍ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂ. ବାଲମୁକୁନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।

### ବିଧାୟକଙ୍କ ୱାର୍ଡ ପରିଦର୍ଶନ

**କଟକ ଅଫିସ,୨୩।୨:** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ରବିବାର ପୂର୍ବାହ୍ନରେ କଟକ ମହାନଗର ନିଗମ ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ଦିୱାନ୍ ବଜାର ଏବଂ ତେଲୁଗୁ ସାହି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ପରିମଳ, ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ ଅବ୍ୟବସ୍ଥା ସମ୍ପର୍କରେ ଲୋକମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ଉପରୋକ୍ତ ସମସ୍ୟାରେ ତୁରନ୍ତ ସୁଧାର ଆଣିବା ପାଇଁ ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାହି ସଭାପତି ଜି. କ୍ରୀଷ୍ଣା ରାଓ, ସମ୍ପାଦକ ଏସ. କ୍ରୀଷ୍ଣା ରାୟ, ମଜୀଦ ଖାନ, କେ. ଦୁର୍ଗା ପ୍ରସାଦ, ୱାଇ. ଲକ୍ଷ୍ମଣ, ଜେ. ରାଜେଶ, ମହମ୍ମଦ ଅର୍ଷଦ, ଇ. ଶ୍ୟାମସୁନ୍ଦର, ଡି. ସୁରିୟା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଶିବିରରେ ୬୦ୟୁନିଟ୍ ରକ୍ତ ସଂଗୃହୀତ

**କଟକ ଅଫିସ,୨୩।୨:** ରାଜ୍ୟ ଛାତ୍ର ବିଜେଡି ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ଏସ୍‌ସିବି ମେଡିକାଲ ବ୍ଲଡ୍ ବ୍ୟାଙ୍କ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲଡ୍‌ବ୍ୟାଙ୍କର ଡା. ଜଗନ୍ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ୍ ୬୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଖାନ୍‌ନଗର ଯୁବକ ସଂଘ ସମ୍ପାଦକ ପ୍ରତାପ ସାହୁ, ସାମାଜିକ କର୍ମୀ ଦେବାଶିଷ ନାୟକ, ମଧୁସୂଦନ ଆଇନ ମହାବିଦ୍ୟାଳୟର ପୂର୍ବତନ ସଭାପତି ରତିରଞ୍ଜନ ଜେଠୀ ଯୋଗଦେଇଥିଲେ। ଆଶୁତୋଷ ସାହୁ, ଚିନ୍ମୟ ବରାଳ, ସନ୍ତୋଷ ନିମାଇଁ, ମୃତ୍ୟୁଞ୍ଜୟ ମହାନ୍ତି, ସତ୍ୟମ ବେହେରା, ବିଶ୍ୱ ଚନ୍ଦନ ବେହେରା, ଶୁଭେନ୍ଦୁ ରାଉତ, ଅଭିଜିତ ମହାପାତ୍ର, ଆଲୋକ ହୋତା, ଆଦିତ୍ୟ ଦାଶ, ସିଦ୍ଧେଶ୍ୱର ସେନାପତି, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଚିତ୍ରା ହରିଣ ଉଦ୍ଧାର



**ଖୁଣ୍ଟୁଣୀ, ୨୩।୨(ଡି.ଏନ୍.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୁସପଙ୍ଗୀ ରାଉଳସାହିର ଜଣେ ବ୍ୟକ୍ତିଙ୍କ ବାରିରେ ଥିବା ଖାଲରୁ ରବିବାର ସନ୍ଧ୍ୟାରେ ଏକ ଚିତ୍ରା ହରଣକୁ ଉଦ୍ଧାର କରାଯାଇଛି। ନିକଟସ୍ଥ ବଉଳ ଜଙ୍ଗଲରୁ ଏହି ହରିଣ ପାଣି ପିଇବାକୁ ଗ୍ରାମାଭିମୁଖୀ ହେଉଥିବାବେଳେ କେତେକ କୁକୁର ଗୋଡାଇଥିଲେ। ଫଳରେ ହରିଣଟି ଜୀବନ ବଞ୍ଚାଇବା ପାଇଁ ଆସି ଉକ୍ତ ଖାଲରେ ପଡିଯାଇଥିଲା। କୁକୁର ଭୁକିବା ଶବ୍ଦ ଶୁଣି ଘରର ସଦସ୍ୟଙ୍କ ସମେତ ସାହିର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ରାକେଶ ଦଳେଇ, ବନରକ୍ଷୀ ରମାକାନ୍ତ ବଳବନ୍ତରାୟ ଓ ବିଜୟ କେତନ ମଙ୍ଗରାଜ ପହଞ୍ଚି ଉକ୍ତ ଖାଲରୁ ହରିଣକୁ ଉଦ୍ଧାର କରିବା ସହ ପ୍ରଣୀ ଚିକିତ୍ସକଙ୍କ ନିକଟରେ ଚିକିତ୍ସା କରାଇ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।

# କାର ଧକ୍କାରେ ସାଇକେଲ ଆରୋହୀ ମୃତ

**କଟକ ସଦର,୨୩।୨ (ଡି.ଏନ.ଏ.)**

- କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତାରୋକୋ
- ମୃତକଙ୍କ ପରିବାରକୁ ଦିଆଗଲା ୧୦,୦୦୦ ଟଙ୍କା
- ହମ୍ପ ନିର୍ମାଣ ପାଇଁ ଥାନାଧିକାରୀଙ୍କ ପ୍ରତିଶ୍ରୁତି

କଟକ-ପାରାଦୀପ ରାସ୍ତାର କମରପଦା ଛକରେ ରବିବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଧୀନ ଅଲାଣ୍ଡୋ ଗ୍ରାମର ଶୁକଦେବ ଭୋଇ(୩୫)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କମରପଦା ଛକରେ ହମ୍ପ ନିର୍ମାଣ ଦାବିରେ ଉତ୍ୟକ୍ତ ଲୋକମାନେ ପୂର୍ବାହ୍ନ ୯ଟାରୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ କିଶୋର ନଗର ଥାନାଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଦିଆଯିବା ସହ ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ସ୍ଥାନରେ ହମ୍ପ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦିଆଯିବ



ଉତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ବୋଲି ଥାନାଧିକାରୀ ସ୍ୱାଇଁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ




ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା କାରକୁ ପୋଲିସ ଜବତ କରିଥିବାବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଶୁକଦେବ ରାଜମିସ୍ତ୍ରି କାମ କରିବା ପାଇଁ ସାଇକେଲରେ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା କାର(ନଂ.ଓଆର୦୫ଏଏଚ୍-୭୮୪୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## 'ସାମ୍ପ୍ରଦାୟିକତା ବିରୋଧରେ ଏକାଠି ହୁଅ'

**କଟକ ଅଫିସ, ୨୩।୨**

କଟକ ନେତାଜୀବାଗରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ଦିନକୁ ଦିନ ସମର୍ଥନ ବଢିବାରେ ଲାଗିଛି। ମୁସ୍‌ଲିମ ଓ ଦଳିତ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଦିଲ୍ଲୀ ଶାହିନବାଗ୍‌ର ବାସିନ୍ଦା ମହମ୍ମଦ ନୟର ଜମାତେ ଇସ୍‌ଲାମ-ଇ-ହିନ୍ଦ୍‌ର ଆସିଷ୍ଟାଣ୍ଟ ସମ୍ପାଦକ ଏବଂ ଗୁଜରାଟର ମୌଲାନା ସଫି ମଦନୀ ଭାଗନେଇଥିଲେ। ସେମାନେ କହିଥିଲେ, ସାରା ଦେଶରେ ସାମ୍ପ୍ରଦାୟିକ ଭେଦଭାବ ସୃଷ୍ଟି କରାଯାଉଛି। ଜାତି, ଧର୍ମ, ବର୍ଣ୍ଣ ଆଳରେ ଦେଶକୁ ବିଭାଜନ କରାଯାଉଛି। ଲୋକଙ୍କ ପାଖରେ କାମ ନାହିଁ। ସବୁ କ୍ଷେତ୍ରରେ କେନ୍ଦ୍ର ସରକାର ବିଫଳ ହେବାରେ ଲାଗିଛି। ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଜାତି ଏବଂ ଧର୍ମ ଭିତରେ ବିଭେଦ ସୃଷ୍ଟି କରାଯାଉଛି। ସବୁ ଧର୍ମର ଲୋକମାନେ ଏଭଳି ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୌଲାନା ସୟଦ୍ ସଦ୍ଦରୁଦ୍ଦିନ, ପ୍ରଦୀପ କୁମାର ଜେନା, କାମିଲ ଉଦ୍ଦିନ, ଶେଖ୍ ନାସିର, ମୁଫ୍‌ତି ଅଝାରି, ଶେଖ୍ ଅନିଲ ଓ ନେହା ପରୱିନ୍ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, 'ଆମେ ସମସ୍ତେ ଭାରତବାସୀ (କଟକ)' ତରଫରୁ ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆର୍ ବିରୋଧରେ ଗତ ଜାନୁୟାରୀ ୨୩ ତାରିଖରୁ ଏହି ଆନ୍ଦୋଳନ ଚାଲିଛି।

## କ୍ରିକେଟ୍: ସାଧାରଣ ସମ୍ପାଦକ ଏକାଦଶ ଚାମ୍ପିୟନ

**କଟକ ଅଫିସ,୨୩।୨**

କାନାଡା ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ କମିଟି ପକ୍ଷରୁ କର୍ମଚାରୀଙ୍କ ମଧ୍ୟରେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଅଧ୍ୟକ୍ଷ ଏକାଦଶ ଓ ସାଧାରଣ ସମ୍ପାଦକ ଏକାଦଶ ମଧ୍ୟରେ କ୍ରିକେଟ୍ ମ୍ୟାଚ ହୋଇଥିଲା। ସାଧାରଣ ସମ୍ପାଦକ ଏକାଦଶ ୩୪ରନ୍‌ରେ ବ୍ୟାଙ୍କର ଅଧ୍ୟକ୍ଷ ଏକାଦଶକୁ ହରାଇ ଚାମ୍ପିୟନ ହୋଇଥିଲା। ସାଧାରଣ ସମ୍ପାଦକ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ମୋଟ୍ ୧୧୬ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବ୍ୟାଙ୍କର ଅଧ୍ୟକ୍ଷ ଏକାଦଶ ସମସ୍ତ ଉଇକେଟ ହରାଇ ୮୮ରନ କରିପାରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଜୟ ମଞ୍ଜରେକର ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କାନାଡା ବ୍ୟାଙ୍କ ଓଡ଼ିଶାର ମହାପ୍ରବନ୍ଧକ ଶ୍ରୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପି.କେ. ମହାନ୍ତି, ଜି.ସି ଦାସ, ବିପିନ ବିହାରୀ ପାଢୀ ପ୍ରମୁଖ ଯୋଗଦେଇଥିଲେ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## 'ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ରହିବା ଦରକାର'

**କଟକ ଅଫିସ, ୨୩।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ସେଭେନ ପିଲାର ଅଫ ୱିଜ୍‌ଡମସ୍ଥିତ ଆନେକ୍ସ-୧୦ରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଡିଜିଟାଲ ଟ୍ରାନ୍ସଫରମେସନ ଆଣ୍ଡ ଇନୋଭେସନ ଇନ ଇଣ୍ଡିଆନ ଇକୋନୋମି ଶୀର୍ଷକରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ. ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ରହିବା ଦରକାର। ସାମ୍ପ୍ରତିକ ଶିକ୍ଷାନୁଷ୍ଠାନଗୁଡିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ସମାଜବୋଧ ଏବଂ ବିଜ୍ଞାନ ଜ୍ଞାନକୌଶଳ ଭିତ୍ତିକ ଶିକ୍ଷା ଦିଆଯିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ପ୍ରଫେସର ଏସ୍.କେ. ଶୁକ୍ଲା ଯୋଗଦେଇ ଭାରତରେ କିଭଳି ଡିଜିଟାଲ ଟ୍ରାନ୍ସଫରମେସନ ହେବାକୁ ଯାଉଛି ଏବଂ ଭାରତୀୟ ଅର୍ଥନୀତି ଉପରେ ଏହା କିପରି ପ୍ରଭାବ ପଡିବ ସେ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅଜୟ କୁମାର ସିଂ ଓ ପ୍ରଫେସର ସମରେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦ୍ୟୁତ୍ କେଶରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଫେସର ସଞ୍ଜୟ କୁମାର ଶତପଥୀ ସ୍ୱାଗତ ଭାଷଣ, ଡ. କିଶୋର କୁମାର ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଡା. ଟି.କେ. ପାଣି ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଭାଗର ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ବିଦେଶରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର

**କଟକ ଅଫିସ, ୨୩।୨**

ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୁର ମନ୍ଦିର ନୃତ୍ୟଶିଳ୍ପୀମାନେ ଭାରତ ସରକାରଙ୍କ ପକ୍ଷରୁ ବିଦେଶରେ ଓଡ଼ିଶୀ ନୃତ୍ୟ କର୍ମଶାଳା କରି ଫେରିଛନ୍ତି। ତ୍ରିନିଦାଦ, ଟବାଗୋ, ଏଲ ସାଲ ଭେଡର, ସାନିଟା ଲୁସିଆ, ଦକ୍ଷିଣ ଆଫ୍ରିକା, ସାନଟା ଥାନା, ଆଟିଗୁଆ, ହଣ୍ଡୁରସ, ସାନ ଫରନାଣ୍ଡୋ, ଗୁଆଟିମାଲା ଆଦି ସ୍ଥାନରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ନ୍ୟାଶନାଲ ଏକାଡେମୀ ଅଫ ପରଫର୍ମିଙ୍ଗ ଆର୍ଟ୍ସ, ଇଣ୍ଡିଆନ ଫୁଡ ଫେଷ୍ଟିଭାଲ, ନ୍ୟାଶନାଲ ଥିଏଟର, ଆଇଟିଇସି ସେଲିବ୍ରେସନ ଏବଂ ସେଣ୍ଟ୍ରାଲ ଆମେରିକାନ ଟେକ୍ନୋଲୋଜିକାଲ ୟୁନିଭର୍ସିଟି, ମରସିଡିଟାଚ ଆଜିର-ସିଆ ଡ୍ୟାନ୍ସ ସ୍କୁଲ, ନ୍ୟାଶନାଲ କମ୍ପାନୀ ଅଫ ଡ୍ୟାନ୍ସ ଏଣ୍ଡ ନ୍ୟାଶନାଲ ବ୍ୟାଲେଟ ଆଦି ସ୍ଥାନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସୁର ମନ୍ଦିରର ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାରାଣୀ ସାହୁ, ସୋନାଲି ଦାସ, ରାଜେଶ୍ୱରୀ ମହାରଣା, ଗୌତମ କୁମାର ରାୟ, ଦୀପଙ୍କର ନାୟକ ଏବଂ ହିମାଳୟା ପୃଷ୍ଟି ଏହି ନୃତ୍ୟଶିଳ୍ପୀ ଦଳରେ ଉପସ୍ଥିତ ଥିଲେ।

## ବସନ୍ତ ମିଳନ ଉତ୍ସବ



**ଚୌଦ୍ୱାର,୨୩।୨ (ଡି.ଏନ.ଏ.)**

ଓଡ଼ିଶା ସାମ୍ବାଦିକ ସଂଘର କଟକ ଜିଲା ସମ୍ମିଳନୀ ଓ ଦ୍ୱିତୀୟ ବାର୍ଷିକ ବସନ୍ତ ମିଳନ ଉତ୍ସବ ରବିବାର ଗାନ୍ଧୀଛକସ୍ଥିତ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଶାଖା ସଭାପତି ଲାଲମୋହନ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଅନ୍ୟତମ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶା ସାମ୍ବାଦିକ ସଂଘ ସତ୍ୟ ଓ ନ୍ୟାୟ ପାଇଁ ଲଢେଇ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ସ୍ୱାଭିମାନ ସମିତି ଅଧ୍ୟକ୍ଷା ଗୀତା ଦାସ, ଅଭିନେତା ଶ୍ରୀତମ ଦାସ, ସେସୁ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀ, ସାମ୍ବାଦିକ ସଂଘ କଟକ ଜିଲା ସଭାପତି ରମଣୀ ରଞ୍ଜନ ଦାସ ଓ ସେକ୍ ସାହାଜାନ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ମଳୟ କୁମାର ଷଡଙ୍ଗୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଘୋଡାନୃତ୍ୟ ଶିଳ୍ପୀ ଡ. ଉଚ୍ଛବ ଚରଣ ଦାସ, ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ଲକ ଚେୟାରମ୍ୟାନ ଜୟଶ୍ରୀ ପ୍ରଧାନ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ସାମାଜିକ କର୍ମୀ ବିଷ୍ଣୁ ଚରଣ ପରିଡା, କରୁଣାକର ସାହୁ, ଅଶୋକ ନାୟକ, ଶିବ ନାରାୟଣ ନାୟକ, ଦୀପକ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ମଳୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ଗୋ-ସୁରକ୍ଷା ବାହିନୀର ରାଷ୍ଟ୍ରୀୟ ଅଧିବେଶନ

**କଟକ ଅଫିସ, ୨୩।୨**

ବିଶ୍ୱ ଗୋ ସୁରକ୍ଷା ବାହିନୀ ରାଷ୍ଟ୍ରୀୟ ଅଧିବେଶନ ସ୍ଥାନୀୟ ଶହୀଦ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଆର ପ୍ରତିନିଧି ପ୍ରକାଶ ମାଲେଙ୍କର ଯୋଗଦେଇ ଗୋ-ସେବା, ଗୋ-ସୁରକ୍ଷା ଓ ହିନ୍ଦୁରାଷ୍ଟ୍ର ଗଠନ ଉପରେ ଆଲୋକପାତ କରିଥିଲେ। ଗୋମାତାଙ୍କ ସୁରକ୍ଷା ବିଶ୍ୱର ରକ୍ଷା ବୋଲି ଆୟୋଜିତ ଅଧିବେଶନରେ ଯୋଗଦେଇଥିବା ୧୭ଟି ରାଜ୍ୟର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସଂଯୋଜିକା ସ୍ୱର୍ଣ୍ଣଲତା ଦଳାଇ ଗ୍ରାମାଞ୍ଚଳ ବାହିନୀର ପ୍ରଚାର ପ୍ରସାର କରାଯାଇ ସମସ୍ତଙ୍କୁ ଏଥିରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି ସୁରେଶ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ଭାରତବର୍ଷରେ ଗୋ ଆଧାରିତ ପରିବେଶ ସୃଷ୍ଟି ହେଲେ ମନୁଷ୍ୟ ବଞ୍ଚିପାରିବ। ଏହି କାର୍ଯ୍ୟକ୍ରମରେ ମନମନ୍ ଯୋଶୀ, ଅରୁଣ ଜେଠା, ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ, ସ୍ୱାମୀ ଅସୀମାନନ୍ଦ ମହାରାଜ, ଭାରତ ମସଲା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ପଣ୍ଡିତ ଜିତୁ ଦାଶ, ଅନିର୍ବାଣ ନିୟୋଗୀ, ଆଇନଜୀବୀ ଧରଣୀଧର ନାୟକ, ନମିତା ପଣ୍ଡା, ଭାଗବତ ସାହୁ, ସନ୍ଥ ନାଗାର୍ଜୁନ ଦାସ, ମୁକୁଳ ମିଶ୍ର ଓ କିଷନଲାଲ ଭରତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କଟକ ୨୫ ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଜନାର୍ଦ୍ଦନ ପାତ୍ର, ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଦୋଳମୁଣ୍ଡାଇଠାରୁ ଶହୀଦ ଭବନ ପର୍ଯ୍ୟନ୍ତ ଏକ ସଂକୀର୍ତ୍ତନ ଶୋଭାଯାତ୍ରା କରାଯାଇଥିଲା। ଅଞ୍ଜୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଇକ୍ ଚୋରି

**କଟକ ସଦର,୨୩।୨ (ଡି.ଏନ.ଏ.):** କନ୍ଦରପୁର ଥାନା ଅଧୀନ ଦାମୋଦରପୁର-୨ ଗ୍ରାମର ନାଗେଶ୍ୱର ନାଥଙ୍କ ମନ୍ଦିରରୁ ଗତ ଶୁକ୍ରବାର ଏକ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ବାଇକ୍ ମାଲିକ ବାରଦା ଗ୍ରାମର ସୁବାସ ଚନ୍ଦ୍ର ବେହେରା ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨/୨୦) ରୁଜୁ କରି ତଦନ୍ତ ଚଳାଇଛି। ମହାଶିବରାତ୍ରି ଉପଲକ୍ଷେ ସୁବାସ ବାଇକ୍(ନଂ. ଓଡି୦୫ୱାଇ-୧୪୭୪) ନେଇ ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

## କିପ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**କଟକ ଅଫିସ,୨୩।୨**

କିପ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ରବିବାର ଖପୁରିଆ ସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ସମ୍ମାନିତ ଅତିଥି ଭାବେ ଜାତୀୟ ମାନବାଧିକାର ଆସୋସିଏଶନର ସଭାପତି ପ୍ରଦୀପ ବେହେରା, ଅଭିନେତା ଶ୍ରୀତମ ଦାସ, ତନୁଶ୍ରୀ ବେହେରା ଓ ଶୀତଲ କିନ୍ନର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଉତ୍ସବରେ ଉତ୍କଳ ବାଳାଶ୍ରମ, ଦୃଷ୍ଟିହୀନ ବିଦ୍ୟାଳୟ ଏବଂ ମୂକ ବଧିର ବିଦ୍ୟାଳୟର ପ୍ରାୟ ୨ଶହ ଛାତ୍ର ସାମିଲ ହୋଇଥିଲେ। ସଙ୍ଗଠନ ପକ୍ଷରୁ ସେମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ସହ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସମାଜସେବା କ୍ଷେତ୍ରରେ ଜଡିତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘମିତ୍ରା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଙ୍ଗୀତା ଦାସ, ସାହିଲ ସାହୁ, ଦିଲ୍ଲୀପ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଅନା ଦାସ, ପୁଷ୍ପଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।



## 'ସାଧାରଣ ମଣିଷ ବଞ୍ଚିବାର ଅଧିକାର ହରାଉଛି'

**କଟକ ଅଫିସ,୨୩।୨**

କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଏବଂ ସାମ୍ପ୍ରଦାୟିକ ଏନ୍‌ଆର୍‌ସି-ସିଏଏ-ଏନ୍‌ପିଆର୍ ପ୍ରତ୍ୟାହାର ଦାବିରେ ଏକ ଛାତ୍ର କନ୍‌ଭେନ୍‌ସନ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟୁଡେଣ୍ଟସ୍ ଫର୍ ଡେମୋକ୍ରାଟିକ୍ ରାଇଟ୍ସ ଏଣ୍ଡ ସେକୁଲାରିଜମ୍ କମିଟି(ଏସ୍‌ଡିଆର୍‌ଏସ୍) ଆନୁକୂଲ୍ୟରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନ୍‌କୁ ଛାତ୍ରନେତା ତରୁଣସେନ ନାୟକ ପରିଚାଳନା କରିଥିଲେ। ସର୍ବପ୍ରଥମେ ଅମରେନ୍ଦ୍ର ନାୟକ କନ୍‌ଭେନ୍‌ସନ୍‌ର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବୀରେନ୍ଦ୍ର ନାୟକ, ଏସ୍‌ୟୁସିଆଇ(ସି)ର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଏବଂ ବିଭିନ୍ନ କଲେଜ,ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତିନିଧିମାନେ ବକ୍ତବ୍ୟ ରଖିଥିଲେ। ଆମ ଦେଶର ସ୍ୱାଧୀନତା ପରବର୍ତ୍ତୀ




ଛାତ୍ର କନ୍‌ଭେନ୍‌ସନ୍‌ରେ ଉପସ୍ଥିତ ଅତିଥିମାନେ।

ଅର୍ଥ ବ୍ୟବସ୍ଥା ଓ ରାଜନୈତିକ ବ୍ୟବସ୍ଥାର ଅବଶ୍ୟମ୍ଭାବୀ ଫଳସ୍ୱରୂପ ସାଧାରଣ ମଣିଷ ବଞ୍ଚିବାର ଅଧିକାର ହରାଉଛି। ୨୦୧୪ରେ ଭାଜପା କେନ୍ଦ୍ର ସରକାରରେ କ୍ଷମତାକୁ ଆସିବା ପରେ ଏହି ପରିସ୍ଥିତି ଆହୁରି ଭୟଙ୍କର ରୂପ ଧାରଣ କରିଛି ବୋଲି ବକ୍ତାମାନେ କହିଥିଲେ।

ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁକରି କେନ୍ଦ୍ର ସରକାର ଦେଶର ଅର୍ଥନୀତିକୁ ତଳିତଳାନ୍ତ କରିଦେଇଛନ୍ତି। କଳକାରଖାନା ଗୋଟିଏ ପରେ ଗୋଟିଏ ବନ୍ଦ ହେଉଛି। ଫଳରେ ଦେଶର ବେକାରି ସମସ୍ୟା ୪୫ବର୍ଷର ରେକର୍ଡ ପାର୍ କରିଛି। ସାଧାରଣ ଲୋକଙ୍କର କ୍ରୟ କ୍ଷମତା ହ୍ରାସ ପାଉଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ଘଟୁଛି। ବେକାର ଯୁବକ ଓ ଋଣଗ୍ରସ୍ତ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଯୌନ ନିର୍ଯାତନା ବୃଦ୍ଧି ପାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ଯୋଗୁ ସେ ବାବଦ ଖର୍ଚ୍ଚ ବହୁଗୁଣିତ ହୋଇଛି। ଫି' ବୃଦ୍ଧି ଫଳରେ ଅଧିକାଂଶ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏସବୁ ବିରୋଧରେ ଦେଖାଦେଇଥିବା ଆନ୍ଦୋଳନକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରାଯାଉଛି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଏବଂ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରାଯାଉଛି। ପୋଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଛି। ରାଜ୍ୟ ସରକାର ଏହି ଆଇନ୍‌କୁ ସମର୍ଥନ କରି ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଏହି ଆଇନ ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକରି ଫାସିବାଦ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ଏହି ଉଦ୍ୟମ ବିରୋଦ୍ଧରେ ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ତରୁଣସେନ ନାୟକଙ୍କ ଆବାହକତ୍ୱରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତିନିଧିଙ୍କୁ ନେଇ ଏସ୍‌ଡିଆର୍‌ଏସ୍ ଗଠନ କରାଯାଇଥିଲା।



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ। - ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଦୋକାନରୁ ଚୋରି ଘଟଣା
## ୨ ଗିରଫ, ୧୪ ଚୋରି ମୋବାଇଲ୍ ଫୋନ୍ ଜବତ

ଭୁବନେଶ୍ୱର,୨୩।୨(ବ୍ୟୁରୋ)- ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆରୋଡ ଅଞ୍ଚଳରେ ଥିବା ଏକ ମୋବାଇଲ୍ ଫୋନ୍ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବା ଭାଗ୍ୟବନ୍ତ ମିଶ୍ର ଓ ଜାଗମରା ବାରଭୁଜା ବସ୍ତିରେ ରହୁଥିବା ଦୀପକ କୁମାର ରାଉତ। ପୋଲିସ ସେମାନଙ୍କ ନିକଟରୁ ୧୪ ଚୋରି ମୋବାଇଲ ଫୋନ୍ ଜବତ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଗୋପାଳ ସ୍ୱାଇଁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋର୍‌ଦାର ଉଦ୍ୟମ ଚଳାଇଥିବା ଜଣାପଡିଛି। ସୂଚନା ମୁତାବକ, ଜାଗମରା ନୂଆ ରୋଡ୍‌ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଦେବରାଜ ମିଶ୍ରଙ୍କର ମୋବାଇଲ ଦୋକାନ ରହିଛି। ଗତ ୨୮ ତାରିଖ ବିଳମ୍ବିତ ରାତିରେ ୩ ଅଭିଯୁକ୍ତ ଦୋକାନ ଶଟର ତାଡି ୪୦ ମୋବାଇଲ ଫୋନ୍ ଚୋରି କରି ନେଇଥିଲେ। ଦେବରାଜ ପରଦିନ ଏ ସଂକ୍ରାନ୍ତରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୬/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ଧରିବାକୁ ଚଢ଼ାଉ କରିଥିଲା। ଅଭିଯୁକ୍ତ ଭାଗ୍ୟବନ୍ତଙ୍କୁ ଧରିବା ପରେ ତାଙ୍କ ନିକଟରୁ ୫ ମୋବାଇଲ ଫୋନ୍ ଓ ଅନ୍ୟତମ ଅଭିଯୁକ୍ତ ଦୀପକଙ୍କ ନିକଟରୁ ୯ ମୋବାଇଲ ଫୋନ ମିଳିଥିଲା। ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ପୋଲିସ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ବ୍ରହ୍ମା କୁମାରୀଙ୍କ ଶିବ ସନ୍ଦେଶ ଅଭିଯାନ



ନିରାକାରପୁର, ୨୩।୨(ଡି.ଏନ.ଏ.) ନିରାକାରପୁରଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏକ ସୁସଜ୍ଜିତ ଗାଡିରେ ଶିବଲିଙ୍ଗ ରଖାଯାଇ ଶାନ୍ତି ଶୋଭାଯାତ୍ରା ଗାଁ ଓ ବଜାର ପରିକ୍ରମା କରିଥିଲେ। ଏଥିରେ ବ୍ରହ୍ମାକୁମାରୀ ଉର୍ମିଳା ଓ ଦିଗାମ୍ବର ଶିବ ମହିମା ଶୁଣାଇଥିଲେ।

## ମଙ୍ଗଳା ମନ୍ଦିର ମୁଖଶାଳାରେ ଫାଟ

କାକଟପୁର,୨୩।୨(ଡି.ଏନ.ଏ)- ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ମୁଖଶାଳାର ଦକ୍ଷିଣ ଦ୍ୱାର ଉପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହା ଆଗକୁ ଯେଭଳି ବଡ଼ ଫାଟ ନ ହେବ ଏବଂ ଏହାର ରକ୍ଷଣାବେକ୍ଷଣା ଖୁବଶୀଘ୍ର ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଅସ୍ତରଙ୍ଗର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହାସହ ପର୍ଯ୍ୟଟନ ବିଭାଗ, ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗକୁ ମା'ଙ୍କ ଚୈତ୍ର ମଙ୍ଗଳବାର ପାଞ୍ଚ ପାଳି ଯାତ୍ରା ଅଛି। ଏବେଠାରୁ ଏହି ଫାଟ ସମ୍ପର୍କରେ ଦୃଷ୍ଟି ନ ଦେଲେ ଆଗକୁ କ'ଣ ଅଘଟନ ଘଟିବ କହିହେବ ନାହିଁ।

## ପଡ଼ୋଶୀ ଆକ୍ରମଣରେ ମା' ପୁଅ ଗୁରୁତର

ପୁରୀ ଅଫିସ,୨୩।୨ : ଟାଉନ ଥାନା ଅନ୍ତର୍ଗତ ବାଲିସାହିରେ ରବିବାର ପଡ଼ୋଶୀଙ୍କ ଆକ୍ରମଣରେ ମା'ପୁଅ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଲିସାହିସ୍ଥିତ ମଞ୍ଜୁଶ୍ରୀ ଦାସଙ୍କ ଘରେ ସକାଳ ସମୟରେ ଘରକାମ ଚାଲିଥିଲା। ଏହି ସମୟରେ କିଛି ସିମେଣ୍ଟ ଛିଟିକି ପଡିଶା ଘରେ ପଡିଥିଲା। ଘରେ ସମ୍ପର୍କୀୟ ଥିବାରୁ ମଞ୍ଜୁଶ୍ରୀଙ୍କ ପରିବାର ଲୋକେ ପଡିଶା ଘରୁ ସିମେଣ୍ଟ ସଫା କରିପାରି ନ ଥିଲେ। ସନ୍ଧ୍ୟାରେ ପଡ଼ୋଶୀ ଘରେ ରହୁଥିବା ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ପୁଅ ଆସି ମଞ୍ଜୁଶ୍ରୀଙ୍କୁ ଗାଳିଗୁଲଜ କରିଥିଲେ। କଥା କଟାକଟି ହେବାରୁ ପଡ଼ୋଶୀ ଲୋକେ ମଞ୍ଜୁଶ୍ରୀଙ୍କୁ ଆକ୍ରମଣ କରିଥିଲେ। ମା' ଙ୍କୁ ବଞ୍ଚାଇବାକୁ ଯିବାବେଳେ ପୁଅ ଆକାଶ ଆକ୍ରମଣର ଶିକାର ହୋଇଥିଲେ। ପରେ ମା'ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ରବିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ଲଗାମ ଢିଲା, ବଢୁଛି ଦୁର୍ଘଟଣା

- ହେଲ୍‌ମେଟ୍, ଫିଟ୍‌ନେସ୍ ଧରପଗଡ଼କୁ ଫୁ
- ଦ୍ରୁତଗତିରେ ଗଡୁଛି ଗାଡ଼ି

ଖୋର୍ଦ୍ଧା ଅଫିସ, ୨୩।୨:

ବେଫିକର ଗାଡି ଚାଳନା ଓ ଲଗାମ ଢିଲା ଯୋଗୁ ସଡକ ଦୁର୍ଘଟଣା ବଢିବାରେ ଲାଗିଛି। ଖୋର୍ଦ୍ଧା ଜିଲାରେ ୪୫ ଦିନ ମଧ୍ୟରେ ୩୦ଟି ଛୋଟବଡ଼ ଦୁର୍ଘଟଣା ଜିଲା ଦେଇ ଯାଇଥିବା ୧୬ ନଂ. ଓ ୫୭ ନଂ. ଜାତୀୟ ରାଜପଥରେ ହିଁ ଘଟିଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ସରକାର ଯେତେ ପ୍ରକାରର ଆଇନ ପ୍ରସ୍ତୁତ କରୁଛନ୍ତି ତାହାକୁ ପରିବହନ ବିଭାଗ ଓ ପୋଲିସ ଫୁ କରି ଉଡାଇ ଦେଉଛନ୍ତି। ଅନେକ ସମୟରେ ଟ୍ରାଫିକ୍ ପୋଲିସର ନୀରବତା ଅବଲମ୍ବନ ଯୋଗୁ ବହୁ ଦୁର୍ଘଟଣା ଘଟୁଛି। ରାସ୍ତାରେ ଦ୍ରୁତଗତିରେ ବାଇକ୍ ଓ ଗାଡି ଚାଳନା ହେଉଥିବା ବେଳେ ବେଗ ଉପରେ ଲଗାମ ଲଗାଯାଉନାହିଁ। ଏଥିସହ ଗ୍ରାମାଞ୍ଚଳରେ ଥିବା ରାସ୍ତାରେ ମଧ୍ୟ ଦ୍ରୁତଗତିରେ ଗାଡି ଚାଳନା କରାଯାଉଛି। ଫିଟ୍‌ନେସ୍, ହେଲ୍‌ମେଟ୍ ଓ ସିଟ ବେଲ୍ଟର ମଧ୍ୟ ଧରପଗଡ ହେଉ ନ ଥିବା ଅଭିଯୋଗ ହେଉଛି। ସେହିପରି ମଦ ପିଇ ଗାଡି ଚଳାଉଥିବା ଚାଳକଙ୍କୁ ଧରାଯାଉ ନ ଥିବା ଅଭିଯୋଗ ହେଉଛି।

### ଆଇନକୁ ଉଲ୍ଲଂଘନ

ଗାଡ଼ି ଚଳାଇବା ପାଇଁ ମୋଟର ଓ ଭେଇକିଲ୍‌ର ଅନେକ ଆଇନ ରହିଛି। ହେଲେ ଏହାକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ସେଥିମଧ୍ୟରୁ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡ଼ି ଚଳାଇବାକୁ ବାରଣ କରାଯାଇଛି। ଯଦି ୫୦ ସିସିରୁ କମ୍ ଥିବ ତେବେ ୧୬ବର୍ଷ ବୟସରେ ଜଣେ ପିଲା ବାଇକ୍ ଚଳାଇବା ପାଇଁ ଲାଇସେନ୍ସ ପାଇପାରିବେ। ମାତ୍ର ଏହି ଆଇନକୁ ଉଲ୍ଲଂଘନ କରାଯାଇ ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରମାନେ ୧୧୦ରୁ ୧୫୦ ସିସି କ୍ଷମତାବିଶିଷ୍ଟ ଇଞ୍ଜିନ ଥିବା ବାଇକ୍ ଓ ମୋପେଡକୁ ବେଆଇନ୍ ଭାବେ ଚଳାଉଛନ୍ତି। ତେବେ ଅନେକ ସମୟରେ କମ୍ ବୟସର ପିଲାମାନଙ୍କ ହାତରେ ବାଇକ୍ ଧରାଇ ଅଭିଭାବକମାନେ ପିଲାମାନଙ୍କୁ ବିପଦମୁହଁକୁ ଠେଲି ଦେଉଛନ୍ତି। ଏଥିରୁ ଟିକିଏ ହେଲେ ବି ସଚେତନ ହେଉନାହାନ୍ତି। ଏହାସତ୍ତ୍ୱେ ନାବାଳକଙ୍କ ବେପରୁଆ ଗାଡ଼ି ଚାଳନା ଉପରେ ପରିବହନ ବିଭାଗ, ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକଙ୍କ ସହ ପୋଲିସ ପ୍ରଶାସନର କଟକଣା କଡାକଡି କରାଗଲେ କିଛି ମାତ୍ରାରେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିସହ ମଦ ଓ ନିଶାଦ୍ରବ୍ୟ ସେବନ କରି ବହୁ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଉଛନ୍ତି। ଫଳରେ ନିଜ ଜୀବନ ଦୀପ ଲିଭିବା ସହ ଉଜୁଡ଼ି ଯାଉଛି ଘର ସଂସାର। ସଚେତନ କରା ନ ଗଲେ ଆଗାମୀ ଦିନରେ ଦୁର୍ଘଟଣା ସଂଖ୍ୟା ବଢି ଚାଲିବ।

### ନାବାଳକଙ୍କ ହାତରେ ବାଇକ୍, ମୋପେଡ

ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ବହୁ ନାବାଳକଙ୍କ ହାତରେ ଅଭିଭାବକମାନେ ବାଇକ୍ ଓ ମୋପେଡ୍ ଧରାଇ ଦେଉଛନ୍ତି। ସେମାନେ ଯେଉଁଭଳି ଭାବେ ଦ୍ରୁତଗତିରେ ଗାଡି ଚାଳନା କରୁଛନ୍ତି ସତେ ଯେମିତି ଜୀବନକୁ ବାଜି ଲଗାଇ ଦେଇଛନ୍ତି। ନିଜେ ଦୁର୍ଘଟଣା ଘଟାଇ ଅନ୍ୟ ଜୀବନକୁ ମଧ୍ୟ ମରଣମୁହଁକୁ ଠେଲି ଦେଉଛନ୍ତି। ଏଥିସହ ଖୋର୍ଦ୍ଧା ସହରରେ ସର୍ବାଧିକ ନାବାଳକ ବାଇକ୍ ଓ ମୋଫେଡ୍ ଧରି ବୁଲୁଛନ୍ତି।

# କୃଷ୍ଣପ୍ରସାଦରେ ଛତୁଆ ମିଶ୍ରଣ ଦିବସ



ତ୍ରିନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଛତୁଆ ପାଇଁ ମିଶ୍ରଣ କାର୍ଯ୍ୟକ୍ରମ ।

କୃଷ୍ଣପ୍ରସାଦ, ୨୩।୨(ଡି.ଏନ.ଏ.) :

ଶିଶୁ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଥିଲା। ପାଟପୁରସ୍ଥିତ ତ୍ରିନାଥ ଦେବ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସୁପରଭାଇଜର ମାଗୁଣୀ ପ୍ରଧାନଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସଂଘର ସଭାନେତ୍ରୀ ମମତା ତରେଇ, ସମ୍ପାଦିକା ସଞ୍ଜୁଲତା ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରି ଛତୁଆ ପ୍ରସ୍ତୁତି କରିଥିଲେ। ସେହିଭଳି ମୋରଡାସ୍ଥିତ ମା' ପାଦୁକାଇ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବ୍ଲକ ମମତା ଯୋଜନା ସହକାରୀ ଅମିତାଭ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସଂଘର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି ଏହି ମିଶ୍ରଣ ପର୍ବରେ ସହଯୋଗ କରିଥିଲେ। ଏହି ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ ପ୍ରତିମାସରେ ଜାରି ରହିବ ବୋଲି ସିଡିପିଓ ମନୋରମା ଦେବୀ କହିଛନ୍ତି।

# ଟ୍ରମ୍ପଙ୍କ ଆଗମନକୁ ଏସ୍‌ୟୁସିଆଇର ବିରୋଧ




ଖୋର୍ଦ୍ଧାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଭାରତ ଆଗମନକୁ ଏସୟୁସିଆଇ ପକ୍ଷରୁ ବିରୋଧ କରାଯାଇଛି ।

ଖୋର୍ଦ୍ଧା ଅଫିସ, ୨୩।୨:

ଭାରତ ଗସ୍ତରେ ଆସୁଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଗମନକୁ ଖୋର୍ଦ୍ଧା ଆଞ୍ଚଳିକ ଏସ୍‌ୟୁସିଆଇ ପକ୍ଷରୁ ବିରୋଧ କରାଯାଇଛି। ଏସ୍‌ୟୁସିଆଇର ସଭାପତି ଅଶୋକ ସାହୁଙ୍କ ନେତୃତ୍ୱରେ ରବିବାର ଖୋର୍ଦ୍ଧା ସହରସ୍ଥିତ ଜୟୀ ରାଜଗୁରୁ ଭବନ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଟ୍ରମ୍ପ ତୁମେ ଫେରିଯାଅ। ସାମ୍ରାଜ୍ୟବାଦ ନୀତି କରି ସାରା ବିଶ୍ୱର ଖଣିଜ ସମ୍ପଦକୁ ଲୁଟିବାରେ ତୁମେ ଓସ୍ତାଦ। ଏହାର ସମ୍ପୂର୍ଣ୍ଣ ପ୍ରଭାବ ଯାଇ ବିଶ୍ୱରେ ବସବାସ କରୁଥିବା ଗରିବ ଓ ନିଷ୍ପେଷିତ ଲୋକଙ୍କ ଉପରେ ପଡୁଛି। ସେହିପରି ତୁମ ଆଗମନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ବାବଦକୁ କୋଟି କୋଟି ଟଙ୍କା ବ୍ୟୟ କରିବେ, ଯାହାକି ଭାରତର ରାଜକୋଷକୁ ସ୍ଥାଣୁ କରିବା ଆଶଙ୍କା କରାଯାଉଛି। ଏଭଳି ସ୍ଲୋଗାନ ପ୍ରତିବାଦ ସଭାରେ ଦିଆଯାଇଥିଲା। ଛାତ୍ରନେତା ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ପ୍ରଶାନ୍ତ ରାଉତରାୟ, କାର୍ତ୍ତିକ ଘଡେଇ ଏବଂ ଅନୁପମ ମହାନ୍ତିଙ୍କ ସହ ଦଳୀୟ କର୍ମୀ ଯୋଗଦେଇଥିଲେ।

## କଂଗ୍ରେସ କାର୍ଯ୍ୟାଳୟ ଗଣ୍ଡଗୋଳ ଘଟଣାର ତଥ୍ୟ ସଂଗ୍ରହ କଲେ ୩ ଜଣିଆ ପ୍ରତିନିଧି

ପୁରୀ ଅଫିସ,୨୩।୨:

ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗତ ୧୭ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ଗୁରୁତର ସହ ନେଇଛି ପ୍ରଦେଶ କଂଗ୍ରେସ କମିଟି (ପିସିସି)। ଦଳର ମୁଖିଆମାନଙ୍କ ଉପସ୍ଥିତିରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ତଦନ୍ତ ଲାଗି ରବିବାର ପିସିସି ପକ୍ଷରୁ ତିନିଜଣିଆ ପ୍ରତିନିଧି ପୁରୀ ଆସିଥିଲେ। ଦଳର ନେତୃତ୍ୱ ବଟକୃଷ୍ଣ ତ୍ରିପାଠୀ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବିଶ୍ୱଭୂଷଣ ଦାସ ପ୍ରଥମେ ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନରେ ପହଞ୍ଚିଥିଲେ। ସେଠାରେ ଜିଲାର ଦଳୀୟ ନେତୃତ୍ୱଙ୍କୁ ଭେଟିଥିଲେ। ପ୍ରତ୍ୟେକଙ୍କଠାରୁ ସେଦିନର ଘଟଣା ବିଷୟରେ ପଚାରି ବୁଝିଥିଲେ। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ପ୍ରତିନିଧିମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ଏବଂ ଯେଉଁମାନେ ଏଭଳି କାଣ୍ଡ ଭିଆଇଛନ୍ତି ସମସ୍ତଙ୍କୁ ଗିରଫ କରାଯାଇ ନାହିଁ ବୋଲି କହିଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟରେ କିଛି ଅସାମାଜିକ ଯୁବକ ବସାଉଠା କରୁଥିବା ଖବର ମିଳିଛି। ପୋଲିସ ଏହା ଉପରେ ନଜର ରଖିଛି। ବିଭିନ୍ନ ସମୟରେ ପାଟ୍ରୋଲିଂ ଗାଡି ବି କାର୍ଯ୍ୟାଳୟ ଆଡ଼େ ଯିବ ବୋଲି କହିଥିଲେ। ଏହାପରେ କମିଟି କୁମ୍ଭାରପଡ଼ା ଥାନା ଆଇଆଇସିଙ୍କ ସହ ମଧ୍ୟ ଆଲୋଚନା କରିଥିବା ଜଣାପଡିଛି।

# ମା' ଦକ୍ଷିଣକାଳୀଙ୍କ ପୀଠରେ ଯଜ୍ଞ ଉତ୍ସବ

ଖୋର୍ଦ୍ଧା ଅଫିସ, ୨୩।୨:

ଖୋର୍ଦ୍ଧା ସହର ଅନ୍ତର୍ଗତ ଗୁରୁଜଙ୍ଗ ସ୍ଥିତ ମା' ଦକ୍ଷିଣକାଳୀ ଦେବୀଙ୍କ ପୀଠ ପରିସର ଉତ୍ସବ ମୁଖର ହୋଇଉଠିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକାଦଶତମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ସେଥିପାଇଁ ଅଙ୍କୁରାରୋପଣ କାର୍ଯ୍ୟର ଶୁଭାଧିବାସ ଯଜ୍ଞସ୍ଥଳରେ ସମ୍ପନ୍ନ ହୋଇଥିବାବେଳେ ରବିବାର ଶାଳାମଣ୍ଡନ, କଳସଯାତ୍ରା, ଦେବଦେବୀ ଆବାହନ ସହ ଅଗ୍ନି ସ୍ଥାପନ ବିଧି ମୁତାବକ ଆୟୋଜିତ ହୋଇଥିଲା। ସେହିପରି ୧୦୮ କଳସ ଯାତ୍ରା ବ୍ରତଧାରୀଙ୍କ ପକ୍ଷରୁ ସହର ପରିକ୍ରମା କରାଯାଇଥିଲା। ପରେ ଯଜ୍ଞପୀଠରେ କଳସ ସ୍ଥାପନ କରାଯାଇଛି। ସୋମବାର ସୂର୍ଯ୍ୟପୂଜା, ଗୋପୂଜା ଏବଂ ମଙ୍ଗଳବାର ଦେବଦେବୀଙ୍କୁ ଆହୁତି ପ୍ରଦାନ କାର୍ଯ୍ୟ ସମ୍ପନ୍ନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଯଜ୍ଞ ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

# ପରୀକ୍ଷା ବ୍ୟତୀତ ଅନ୍ୟଦିନରେ ସ୍କୁଲ ବନ୍ଦ

ନିରାକାରପୁର,୨୩।୨(ଡି.ଏନ.ଏ.):

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ପରୀକ୍ଷା ଫେବୃୟାରୀ ୧୯ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏଥିମଧ୍ୟରେ ପରୀକ୍ଷା ମାତ୍ର ୭ ଦିନ ଯାଏ ଦୈନିକ ସାଢେ ୨ଘଣ୍ଟା ଲେଖାଏ ହେବ। ବାକି ଦିନରେ ସ୍କୁଲଗଡିକରେ କୌଣସି କାମ ନାହିଁ। ପରୀକ୍ଷା କର୍ତ୍ତବ୍ୟ ସମ୍ପାଦନା ପାଇଁ ବୋର୍ଡ ପକ୍ଷରୁ ପାରିଶ୍ରମିକ ବ୍ୟବସ୍ଥା ବ୍ୟବସ୍ଥାପକ, ନିରୀକ୍ଷକ, କର୍ମଚାରୀ ପାଇଁ କରିଛନ୍ତି। ଏମାନେ ଅବଶିଷ୍ଟ ସମୟ ଖାଲିରେ ବସି ରହୁଛନ୍ତି। ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିଲେ ମଧ୍ୟ ଦଶମ ବୋର୍ଡ ପରୀକ୍ଷା ପାଇଁ ଛୁଟି ରହିଥିବା ଯୋଗୁ ପିଲାମାନେ ଘରେ ଓ ବାହାରେ ବୁଲୁଛନ୍ତି। ତେଣୁ ପାଠ୍ୟକ୍ରମ ନ ସରିବାରୁ ସ୍କୁଲର ପରୀକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରଶ୍ନାବଳୀର ପରିବର୍ତ୍ତନ କରାଯିବ। ଫଳରେ ବାକିଥିବା ପାଠ୍ୟକ୍ରମ ପାଇଁ ଶିକ୍ଷକମାନେ ଯେତେ ପରୀକ୍ଷା ନ ଥିବା ଦିନ ସ୍କୁଲକୁ ଆସି ଅନ୍ୟ ବିଷୟ ସାରି ଦିଅନ୍ତେ। ତେବେ ଅନ୍ୟ ଶ୍ରେଣୀ ପିଲାମାନଙ୍କର ପାଠ୍ୟକ୍ରମ ସରି ଯାଆନ୍ତା ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ମଧ୍ୟ କିଛି ସ୍କୁଲରେ ପାଠ୍ୟକ୍ରମ ସରି ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଥିବା ଅଭିଯୋଗ ଆସିଥିଲା।

# ନାରଗୋଦା ଗାଁରେ ପଶିଲା ହାତୀ

ଖୋର୍ଦ୍ଧା ଅଫିସ, ୨୩।୨:

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ନାରଗୋଦା ଗାଁ ଦାଣ୍ଡରେ ରବିବାର ବିଳମ୍ବିତ ରାତିରେ ଗୋଟିଏ ଦନ୍ତା ହାତୀ ପଶି ଆସିଥିବା ଗ୍ରାମବାସୀ କହିଛନ୍ତି। ଖାଦ୍ୟ ଅନ୍ୱେଷଣରେ ହାତୀଟି ଆସି ବାସ କରୁଥିବା ଲୋକଙ୍କ ବାରିରେ ପଶି ବହୁ ଗଛ ଭାଙ୍ଗି ପକାଇଛି। ଫଳରେ ଗାଁ ଲୋକ ଭୟଭୀତ ହୋଇ ଘରର ତାଟି କବାଟ ପକାଇ ରହିଥିବା ଜଣାପଡିଛି। ବନ ବିଭାଗ ତୁରନ୍ତ ହାତୀକୁ ଘଉଡାଇବାର ବ୍ୟବସ୍ଥା କରିବାକୁ ସେମାନେ କହିଛନ୍ତି।

# ଜିଲାସ୍ତରୀୟ କ୍ରିକେଟ୍ : ବରୁଣାଇ ଦଳ ବିଜୟୀ

କୃଷ୍ଣପ୍ରସାଦ, ୨୩।୨(ଡି.ଏନ.ଏ.) :

କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ପଞ୍ଚାୟତ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଟୁବୁକା ଆନୁକୂଲ୍ୟରେ ଚିଲିକା ଗାନ୍ଧୀ ଉଦୟନାଥ ଷ୍ଟାଡିୟମଠାରେ ଜିଲାସ୍ତରୀୟ ୨୧ତମ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ସରପଞ୍ଚ ସଞ୍ଜୁଲତା ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲୁଙ୍କେଶ୍ୱର ବିଶ୍ୱାଳ, ଟୁବୁକା ଗ୍ରାମ୍ୟ କମିଟି ସଭାପତି ମଙ୍ଗୁଳି ଚରଣ ଜେନା, ସମ୍ପାଦକ ଅଶୋକ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସର ଖେଳ ବରୁଣାଇ କ୍ରିକେଟ ଟିମ୍ ଅଁଳାକୁଦା ବନାମ ଗାଦିବ୍ରହ୍ମ କ୍ରିକେଟ ଟିମ ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରୁଣାଇ ଦଳ ପ୍ରଥମେ ବ୍ୟାଟିଂ କରି ୧୧୯ ରନ୍ ସଂଗ୍ରହ କରିଥିବା ବେଳେ ଗାଦିବ୍ରହ୍ମ ଦଳ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜୟ ବରଣ କରିଥିଲା। ଖେଳକୁ ସୁନୀଲ କୁମାର ଜେନା, ବିପିନି ବିହାରୀ ଦାସ ପରିଚାଳନା କରିଥିଲେ। ଶିକ୍ଷାବିତ୍ ମହେନ୍ଦ୍ର କୁମାର ଜେନା, ଭାସ୍କର ଚନ୍ଦ୍ର ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ ଜିଲାରୁ ୧୬ଟି ଦଳ ଅଂଶଗ୍ରହଣ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।



କ୍ରିକେଟ ମ୍ୟାଚ ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିମାନେ ।

# ବନ୍ଦ ହେବ ପୁରୀ ଆରଏମ୍‌ଏସ୍ ସେବା

- ପ୍ରସ୍ତାବକୁ ଅନୁମୋଦନ, ବୁଦ୍ଧିଜୀବୀଙ୍କ ବିରୋଧ
- ଖୋର୍ଦ୍ଧାରୋଡ ଆରଏମ୍‌ଏସ୍ ସହ ମିଶାଇଦେବାକୁ ମସୁଧା



ପୁରୀ ଅଫିସ,୨୩।୨

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ଆରଏମ୍‌ଏସ୍ (ରେଲୱେ ମେଲ୍ ସର୍ଭିସ) ଏଣିକି ବନ୍ଦ ହେବ। ଏହି କାର୍ଯ୍ୟାଳୟକୁ ଖୋର୍ଦ୍ଧାରୋଡ ସ୍ଥାନାନ୍ତର କରାଯିବ। ଏହି ପ୍ରସ୍ତାବକୁ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଅନୁମୋଦନ କରିଥିବା ଜଣାପଡିଛି। ଫଳରେ ଏହାକୁ ନେଇ ଏବେ ବିରୋଧାଭାଷ ସୃଷ୍ଟି ହୋଇଛି। ପୁରୀରୁ ଏହାକୁ ଉଠାଇନେବା ପଛରେ ଏକପ୍ରକାର ଚକ୍ରାନ୍ତ କରାଯାଇଥିବା ସହରର ବୁଦ୍ଧିଜୀବୀ କହିଛନ୍ତି। କିନ୍ତୁ ଏହାକୁ ଉଠାଇ ନିଆଗଲେ ଜୋର୍‌ଦାର ବିରୋଧ କରାଯିବ ବୋଲି କେତେକ ସାମାଜିକ କର୍ମୀ କହିଛନ୍ତି ।

ପ୍ରାୟ ୬୦ ବର୍ଷ ହେବ ପୁରୀ ଷ୍ଟେଶନରେ ଆର୍‌ଏମ୍‌ଏସ କାର୍ଯ୍ୟକ୍ଷମ କରିଆସୁଛି। ରେଲୱେ ପକ୍ଷରୁ ଏଥିପାଇଁ ଘର ଯୋଗାଇ ଦିଆଯାଇଛି । ପ୍ରାୟ ୧୯ଜଣ କର୍ମଚାରୀ ଏଠାରେ ନିଯୁକ୍ତି ପାଇଛନ୍ତି। ଏଠାରେ ଆରଏମ୍‌ଏସ୍ କାର୍ଯ୍ୟାଳୟ ଥିବାରୁ ଟ୍ରେନରେ ଯା'ଆସ କରାଯାଉଥିବା ଚିଠିପତ୍ର, ସ୍ପିଡ୍ ପୋଷ୍ଟ ଆଦି ସହଜ ହୋଇପାରୁଛି। ଲୋକମାନେ ତୁରନ୍ତ ସେବା ପାଇପାରୁଛନ୍ତି। ମୂଳତଃ ପୁରୀ ସହରରେ କାର୍ଯ୍ୟ କରୁଥିବା ଡାକ କେନ୍ଦ୍ର ଅପରାହ୍ନ ୪ଟାରେ ବନ୍ଦ ହୋଇଥାଏ। ଏହାପରେ କୌଣସି ଜରୁରୀ ସେବା ଲାଗି ଲୋକେ ଆରଏମଏସ ସେବା ଉପରେ ନିର୍ଭର କରୁଥିଲେ। ଅନ୍ୟପଟେ ଏହି ସେବା ଏଠାରେ ବନ୍ଦ ହେଲେ ଲୋକେ ଚିଠି ପାଇବାରେ ମଧ୍ୟ ବିଳମ୍ବ ଘଟିବ। ଦେଖିବାକୁ ଗଲେ ପୁରୀ ବି ଏକ ପ୍ରମୁଖ ଷ୍ଟେଶନ। ଏଠାରେ ବିଭିନ୍ନ ପ୍ରକାର ସେବା ଉପଲବ୍ଧ ହେବା ଦରକାର। କିନ୍ତୁ ଏଠାରୁ ଏକ ପ୍ରମୁଖ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବା ପ୍ରସ୍ତାବ ଡାକ ବିଭାଗକୁ ଯିବା ଏବଂ ଡାକ ବିଭାଗ ଏହାକୁ ଅନୁମୋଦନ କରିବା ନେଇ ନାନା ପ୍ରକାର ଚର୍ଚ୍ଚା ହେଉଛି। ଏହାକୁ ଉଠାଇନେବା ଲାଗି ଷଡ଼ଯନ୍ତ୍ର କରାଯାଇଥାଇପାରେ ବୋଲି କେହି କେହି କହୁଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ଧାରଣା, ଆନ୍ଦୋଳନ ହେବାର ସମ୍ଭାବନା ରହିଛି ।

ପୁରୀ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ। ଆଗକୁ ରାଜ୍ୟ ସରକାର ଏହାକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପ୍ରକ୍ରିୟା ବି ଆରମ୍ଭ ହୋଇଯାଇଛି । ତେଣୁ ସହରରେ ଯାତ୍ରୀ, ପର୍ଯ୍ୟଟକଙ୍କ ଲାଗି ବିଭିନ୍ନ ପ୍ରକାର ସୁବିଧା ସୁଯୋଗ କରାଯିବା ପାଇଁ ସରକାର ଚିନ୍ତା କରୁଥିବାବେଳେ ପୁରୀ ଷ୍ଟେଶନରୁ ଆରଏମଏସ୍ କାର୍ଯ୍ୟାଳୟ ଖୋର୍ଦ୍ଧାରୋଡ ଆରଏମ୍‌ଏସ୍ ସହ ମିଶାଇଦେବା ଲାଗି ଯେଉଁ ମସୁଧା ହୋଇଛି ତାହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ତେବେ ଏହାକୁ ଯଦି ଖୋର୍ଦ୍ଧାରୋଡ ଆରଏମ୍‌ଏସ୍ ସହ ମିଶାଇ ଦିଆଯାଏ ତେବେ ଏଥିରେ ବିଳମ୍ବ ହେବ । ପୁରୀ ଷ୍ଟେଶନରେ ଯାତ୍ରୀମାନେ ପହଞ୍ଚି ସଙ୍ଗେ ସଙ୍ଗେ ଆରଏମ୍‌ଏସ୍‌ରେ ତାଙ୍କ କାର୍ଯ୍ୟ କରିପାରୁଥିଲେ। ଫଳରେ ଏବେ ଏଥିରୁ ବଞ୍ଚିତ ହେବାକୁ ଯାଉଛି ସ୍ଥାନୀୟ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଡାକ ମଣ୍ଡଳ କର୍ତ୍ତୃପକ୍ଷ ନିଜ ନିଷ୍ପତ୍ତିର ତର୍ଜମା କରିବା ଆବଶ୍ୟକ ବୋଲି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି। ଏଭଳି ପ୍ରସ୍ତାବକୁ ବୁଦ୍ଧିଜୀବୀମାନେ ବିରୋଧ କରିଛନ୍ତି । ଆଲୋକ କୁମାର ଦାସ କହିଛନ୍ତି, ରାଜ୍ୟ ସରକାର ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ଲାଗି ସ୍ୱପ୍ନ ଦେଖୁଥିବାବେଳେ ଏଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଯେଉଁ ପ୍ରସ୍ତାବ ଦିଆଯାଇଛି ତାହା ନିଶ୍ଚିତ ଏକ ଦୁର୍ଭାଗ୍ୟଜନକ ଘଟଣା। ପୁରୀବାସୀ ଏହାକୁ ଦୃଢ଼ ବିରୋଧ କରିବା ଦରକାର। ସେହିପରି ପୁରୀ ପ୍ରେସ୍ କ୍ଲବ ଅଧ୍ୟକ୍ଷ ରାଜକୁମାର ମହାନ୍ତି ଏହାକୁ ନିନ୍ଦା କରିବା ସହ ଏଭଳି ନିଷ୍ପତ୍ତିର ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଫେବୃୟାରୀ, ୨୦୨୦



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବାନାମ୍ବର ହେଲେ ଆଇଏମ୍ଏ ପୂର୍ବାଞ୍ଚଳ ଉପସଭାପତି



**ପୁରୀ ଅଫିସ,୨୩।୨:** ଭାରତୀୟ ଚିକିତ୍ସକ ସଂଘ(ଆଇଏମଏ) ଓଡ଼ିଶା ଶାଖାର ୭୧ତମ ବାର୍ଷିକ ଅଧିବେଶନ ଝାରସୁଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସନ୍ଦର୍ଭ ପାଠ କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ୩ ଶହରୁ ଊର୍ଦ୍ଧ୍ୱ ଡାକ୍ତର ଏଥିରେ ଯୋଗଦାନ କରିଥିଲେ। ଏହି ଅବସରରେ ୨୦୨୦-୨୨ ବର୍ଷ ଲାଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭାରତୀୟ ଚିକିତ୍ସକ ସଂଘ, ପୁରୀ ଜିଲାର ପୂର୍ବତନ ସମ୍ପାଦକ ଡା.ବାନାମ୍ବର ସେନାପତି ପୂର୍ବାଞ୍ଚଳ ଜୋନର ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହି ଅବସରରେ ପୁରୀ ଶାଖାର ସଭାପତି ଡା. ବାମଦେବ ମହାନ୍ତିଙ୍କ ସମେତ ବହୁ ଚିକିତ୍ସକ ସମ୍ବର୍ଦ୍ଧିତ ହୋଇଥିଲେ। ଡା.ସେନାପତିଙ୍କ ନୂତନ ପଦବୀ ଲାଗି ପୁରୀ ଜିଲା ଶାଖା ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ୮୫ ପେଟି ମଦ ଜବତ, ଜଣେ ଗିରଫ

**କାକଟପୁର,୨୩।୨(ଡି.ଏନ.ଏ):** କାକଟପୁର ଥାନା ଅଞ୍ଚଳରୁ ରବିବାର ପୁରୀକୁ ମଦ ବିକ୍ରି ପାଇଁ ଯାଉଥିବାବେଳେ ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କଣ୍ଡାପଡ଼ା ପଞ୍ଚାୟତର ଗମ୍ଭାରୀପଦା ଗ୍ରାମସ୍ଥିତ କେଉଟ ସାହିର ସୁବୋଧ ସାହୁ(୨୯)। ପୋଲିସ ତାଙ୍କଠାରୁ ୮୫ ପେଟି ଆଷ୍କା ଫର୍ଟି ମଦ ସହ ଏକ ଟାଟା ଏସିଇକୁ ଜବତ କରିଛି। ଏ ନେଇ ପୋଲିସ ନଂ.୨୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୁବୋଧ ବେଆଇନ ଭାବେ ମଦ ବିକ୍ରି କରିଆସୁଥିଲେ। ତେବେ ରବିବାର ସେ ମଦ ନେଇ କାକଟପୁରରୁ ପୁରୀକୁ ଯାଉଥିବାବେଳେ କୌଣସି ସୂତ୍ରରେ ପୋଲିସ ଖବରପାଇ ଥାନା ଛକ ନିକଟରେ ଚଢ଼ାଉ କରି ଧରିଥିଲା।

### ପଡ଼ୋଶୀ ଆକ୍ରମଣରେ ମା’ ପୁଅ ଗୁରୁତର

**ପୁରୀ ଅଫିସ,୨୩।୨ :** ଟାଉନ ଥାନା ଅନ୍ତର୍ଗତ ବାଲିସାହିରେ ରବିବାର ପଡ଼ୋଶୀଙ୍କ ଆକ୍ରମଣରେ ମା’ପୁଅ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଲିସାହିସ୍ଥିତ ମଞ୍ଜୁଶ୍ରୀ ଦାସଙ୍କ ଘରେ ସକାଳ ସମୟରେ ଘରକାମ ଚାଲିଥିଲା। ଏହି ସମୟରେ କିଛି ସିମେଣ୍ଟ ଛିଟିକି ପଡିଶା ଘରେ ପଡିଥିଲା। ଘରେ ସମ୍ପର୍କୀୟ ଥିବାରୁ ମଞ୍ଜୁଶ୍ରୀଙ୍କ ପରିବାର ଲୋକେ ପଡିଶା ଘରୁ ସିମେଣ୍ଟ ସଫା କରିପାରି ନ ଥିଲେ। ସନ୍ଧ୍ୟାରେ ପଡ଼ୋଶୀ ଘରେ ରହୁଥିବା ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ପୁଅ ଆସି ମଞ୍ଜୁଶ୍ରୀଙ୍କୁ ଗାଳିଗୁଲଜ କରିଥିଲେ। କଥା କଟାକଟି ହେବାରୁ ପଡ଼ୋଶୀ ଲୋକେ ମଞ୍ଜୁଶ୍ରୀଙ୍କୁ ଆକ୍ରମଣ କରିଥିଲେ। ମା’ ଙ୍କୁ ବଞ୍ଚାଇବାକୁ ଯିବାବେଳେ ପୁଅ ଆକାଶ ଆକ୍ରମଣର ଶିକାର ହୋଇଥିଲେ। ପରେ ମା’ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ଭେଷଜ ସମ୍ପର୍କିତ ଆଲୋଚନାଚକ୍ର

**ପୁରୀ ଅଫିସ,୨୩।୨:** କିରନ-ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ରବିବାର ଭେଷଜ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କିରଣ-ଜ୍ୟୋତି ଭବନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡ. ପ୍ରଫୁଲ୍ଲ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । ଡ. ନନ୍ଦଙ୍କ ଲିଖିତ ଚିକିତ୍ସା ପୁସ୍ତକ ଭେଷଜମ୍ ଏବଂ ଶ୍ରୀକ୍ଷେତ୍ରରେ ଉପସ୍ଥିତ ବ୍ୟକ୍ତିଙ୍କୁ ବଣ୍ଟାଯାଇଥିଲା। କବି ଶିବସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଗଙ୍ଗାଧର ମହାନ୍ତି ଏବଂ ହୋମିଓପାଥି ବିଶେଷଜ୍ଞ ଡା. ମନୋରଞ୍ଜନ ପୃଷ୍ଟି ମଧ ଯୋଗଦେଇଥିଲେ। ପରିଷଦର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସିହ୍ନା ଧନ୍ୟବାଦ ଦେଇଥିଲେ।

# ବନ୍ଦ ହେବ ପୁରୀ ଆରଏମ୍ଏସ୍ ସେବା

**ପୁରୀ ଅଫିସ,୨୩।୨**

■ପ୍ରସ୍ତାବକୁ ଅନୁମୋଦନ, ବୁଦ୍ଧିଜୀବୀଙ୍କ ବିରୋଧ

■ଖୋର୍ଦ୍ଧାରୋଡ ଆରଏମ୍ଏସ୍ ସହ ମିଶାଇ ଦେବାକୁ ମସୁଧା



ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ଆରଏମ୍ଏସ୍ (ରେଲୱେ ମେଲ୍ ସର୍ଭିସ) ଏଣିକି ବନ୍ଦ ହେବ। ଏହି କାର୍ଯ୍ୟାଳୟକୁ ଖୋର୍ଦ୍ଧାରୋଡ ସ୍ଥାନାନ୍ତର କରାଯିବ। ଏହି ପ୍ରସ୍ତାବକୁ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଅନୁମୋଦନ କରିଥିବା ଜଣାପଡିଛି। ଫଳରେ ଏହାକୁ ନେଇ ଏବେ ବିରୋଧାଭାଷ ସୃଷ୍ଟି ହୋଇଛି। ପୁରୀରୁ ଏହାକୁ ଉଠାଇନେବା ପଛରେ ଏକପ୍ରକାର ଚକ୍ରାନ୍ତ କରାଯାଇଥିବା ସହରର ବୁଦ୍ଧିଜୀବୀ କହିଛନ୍ତି। କିନ୍ତୁ ଏହାକୁ ଉଠାଇ ନିଆଗଲେ ଜୋର୍‌ଦାର ବିରୋଧ କରାଯିବ ବୋଲି କେତେକ ସାମାଜିକ କର୍ମୀ କହିଛନ୍ତି । ପ୍ରାୟ ୬୦ ବର୍ଷ ହେବ ପୁରୀ ଷ୍ଟେଶନରେ ଆର୍‌ଏମ୍‌ଏସ କାର୍ଯ୍ୟକ୍ଷମ କରିଆସୁଛି। ରେଲୱେ ପକ୍ଷରୁ ଏଥିପାଇଁ ଘର ଯୋଗାଇ ଦିଆଯାଇଛି । ପ୍ରାୟ ୧୯ଜଣ କର୍ମଚାରୀ ଏଠାରେ ନିଯୁକ୍ତି ପାଇଛନ୍ତି। ଏଠାରେ ଆରଏମ୍ଏସ୍ କାର୍ଯ୍ୟାଳୟ ଥିବାରୁ ଟ୍ରେନରେ ଯା’ଆସ କରାଯାଉଥିବା ଚିଠିପତ୍ର, ସ୍ପିଡ୍ ପୋଷ୍ଟ ଆଦି ସହଜ ହୋଇପାରୁଛି। ଲୋକମାନେ ତୁରନ୍ତ ସେବା ପାଇପାରୁଛନ୍ତି। ମୂଳତଃ ପୁରୀ ସହରରେ କାର୍ଯ୍ୟ କରୁଥିବା ଡାକ କେନ୍ଦ୍ର ଅପରାହ୍ନ ୪ଟାରେ ବନ୍ଦ ହୋଇଥାଏ। ଏହା ପରେ କୌଣସି ଜରୁରୀ ସେବା ଲାଗି ଲୋକେ ଆରଏମଏସ ସେବା ଉପରେ ନିର୍ଭର କରୁଥିଲେ। ଅନ୍ୟପଟେ ଏହି ସେବା ଏଠାରେ ବନ୍ଦ ହେଲେ ଲୋକେ ଚିଠି ପାଇବାରେ ମଧ ବିଳମ୍ବ ଘଟିବ। ଦେଖିବାକୁ ଗଲେ ପୁରୀ ବି ଏକ ପ୍ରମୁଖ ଷ୍ଟେଶନ। ଏଠାରେ ବିଭିନ୍ନ ପ୍ରକାର ସେବା ଉପଲବ୍ଧ ହେବା ଦରକାର। କିନ୍ତୁ ଏଠାରୁ ଏକ ପ୍ରମୁଖ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବା ପ୍ରସ୍ତାବ ଡାକ ବିଭାଗକୁ ଯିବା ଏବଂ ଡାକ ବିଭାଗ ଏହାକୁ ଅନୁମୋଦନ କରିବା ନେଇ ନାନା ପ୍ରକାର ଚର୍ଚ୍ଚା ହେଉଛି। ଏହାକୁ ଉଠାଇନେବା ଲାଗି ଷଡ଼ଯନ୍ତ୍ର କରାଯାଇଥାଇପାରେ ବୋଲି କେହି କେହି କହୁଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ଧାରଣା, ଆନ୍ଦୋଳନ ହେବାର ସମ୍ଭାବନା ରହିଛି ।

ପୁରୀ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ। ଆଗକୁ ରାଜ୍ୟ ସରକାର ଏହାକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପ୍ରକ୍ରିୟା ବି ଆରମ୍ଭ ହୋଇଯାଇଛି । ତେଣୁ ସହରରେ ଯାତ୍ରୀ, ପର୍ଯ୍ୟଟକଙ୍କ ଲାଗି ବିଭିନ୍ନ ପ୍ରକାର ସୁବିଧା ସୁଯୋଗ କରାଯିବା ପାଇଁ ସରକାର ଚିନ୍ତା କରୁଥିବାବେଳେ ପୁରୀ ଷ୍ଟେଶନରୁ ଆରଏମଏସ୍ କାର୍ଯ୍ୟାଳୟ ଖୋର୍ଦ୍ଧାରୋଡ ଆରଏମ୍ଏସ୍ ସହ ମିଶାଇଦେବା ଲାଗି ଯେଉଁ ମସୁଧା ହୋଇଛି ତାହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ତେବେ ଏହାକୁ ଯଦି ଖୋର୍ଦ୍ଧାରୋଡ ଆରଏମ୍ଏସ୍ ସହ ମିଶାଇ ଦିଆଯାଏ ତେବେ ଏଥିରେ ବିଳମ୍ବ ହେବ । ପୁରୀ ଷ୍ଟେଶନରେ ଯାତ୍ରୀମାନେ ପହଞ୍ଚି ସଙ୍ଗେ ସଙ୍ଗେ ଆରଏମ୍ଏସ୍‌ରେ ତାଙ୍କ କାର୍ଯ୍ୟ କରିପାରୁଥିଲେ। ଫଳରେ ଏବେ ଏଥିରୁ ବଞ୍ଚିତ ହେବାକୁ ଯାଉଛି ସ୍ଥାନୀୟ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଡାକ ମଣ୍ଡଳ କର୍ତ୍ତୃପକ୍ଷ ନିଜ ନିଷ୍ପତ୍ତିର ତର୍ଜମା କରିବା ଆବଶ୍ୟକ ବୋଲି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି।ଏଭଳି ପ୍ରସ୍ତାବକୁ ବୁଦ୍ଧିଜୀବୀମାନେ ବିରୋଧ କରିଛନ୍ତି । ଆଲୋକ କୁମାର ଦାସ କହିଛନ୍ତି, ରାଜ୍ୟ ସରକାର ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ଲାଗି ସ୍ୱପ୍ନ ଦେଖୁଥିବାବେଳେ ଏଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଯେଉଁ ପ୍ରସ୍ତାବ ଦିଆଯାଇଛି ତାହା ନିଶ୍ଚିତ ଏକ ଦୁର୍ଭାଗ୍ୟଜନକ ଘଟଣା। ପୁରୀବାସୀ ଏହାକୁ ଦୃଢ଼ ବିରୋଧ କରିବା ଦରକାର। ସେହିପରି ପୁରୀ ପ୍ରେସ୍ କ୍ଲବ ଅଧକ୍ଷ ରାଜକୁମାର ମହାନ୍ତି ଏହାକୁ ନିନ୍ଦା କରିବା ସହ ଏଭଳି ନିଷ୍ପତ୍ତିର ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲ୍ଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆଁକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନିଜ ଅଳିଆ ନିଜ ପାଖେ ରଖ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

■ ବାହାରେ ପଡ଼ିଥିବା ନିର୍ମାଣ ବର୍ଜ୍ୟକୁ ଘର ଭିତରକୁ ଫିଙ୍ଗିଲେ କମିଶନର

■ ୬୬ ଏକର ଅଞ୍ଚଳକୁ ସଫେଇ କଲେ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ନାଗରିକ



ନିଜ ଅଳିଆ ନିଜ ପାଖେ ରଖ, ସୌନ୍ଦର୍ଯ୍ୟଭରା ଏକାମ୍ରକ୍ଷେତ୍ର ଅଞ୍ଚଳକୁ ଅଳିଆ ଗଦା କରନି। ଘରେ ଡଷ୍ଟବିନ୍ ରଖ, ସଫେଇ ଓ ପରିମଳ କାର୍ଯ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସହଯୋଗର ହାତ ବଢ଼ାଅ। ସଫେଇ କର୍ମଚାରୀ ଆସି ତୁମ ଘରୁ ଅଳିଆ ନେବେ। କୌଣସି ନାଗରିକ ଘର ଅଳିଆକୁ ରାସ୍ତାରେ ପକାଇଲେ ସେଗୁଡ଼ିକୁ ପୁଣିଥରେ ତାଙ୍କ ଘରକୁ ଫିଙ୍ଗାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ରବିବାର ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଏକ ବଡ଼ଧରଣର ସାମୂହିକ ସଫେଇ ଅଭିଯାନ (ମୁଁ ସଫେଇ ବାଲା) ଚାଲିଥିବାବେଳେ କମିଶନର ଚୌଧାରୀ ଲୋକଙ୍କୁ ବୁଝାଇବା ସହ ଏହି ଚେତାବନୀ ଶୁଣାଇଛନ୍ତି। ଏଥିସହ ବୋଇତାଳି ମନ୍ଦିର ସମ୍ମୁଖ ରଥରୋଡ୍‌ର ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ ସାମଗ୍ରୀ ଓ ବର୍ଜ୍ୟ ବାହାରେ ପଡିଥିବା ଦେଖି ବିରକ୍ତ ହେବା ସହ ତାହାକୁ ସେହି ଘରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜେସିବି ସାହାଯ୍ୟରେ ଘର ନିର୍ମାଣ ବର୍ଜ୍ୟକୁ ସେହି ଘର ଭିତରେ ରଖାଯାଇଥିଲା। ଅଳିଆ ବାହାରେ ଫୋପାଡ଼ିବା ପରେ ବିଏମ୍‌ସି ଚୁପ୍ ରହିବ ନାହିଁ। ସହରକୁ ସ୍ୱଚ୍ଛ ଓ ସୌନ୍ଦର୍ଯ୍ୟମୟ କରିବାରେ ବିଏମ୍‌ସି ଏବେ ଅଣ୍ଟା ଭିଡ଼ିଥିବାବେଳେ ନାଗରିକେ ବିଏମ୍‌ସିକୁ ସାହାଯ୍ୟ କରିବେ ବୋଲି କମିଶନର ଚୌଧାରୀ ଆଶା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମହାଶିବରାତ୍ରି ଅବସରରେ ଏକାମ୍ର କ୍ଷେତ୍ରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଫଳରେ ବହୁ ମାତ୍ରାରେ ବର୍ଜ୍ୟ ଓ ପଲିଥିନ୍ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଗଦା ହୋଇରହିଥିଲା। ଲିଙ୍ଗରାଜ ମନ୍ଦିରକୁ ଲାଗି ରହିଥିବା ୬୬ ଏକର ଜମିରେ ପଡ଼ି ରହିଥିବା ଉକ୍ତ ଅଳିଆଗୁଡ଼ିକୁ ସଫା କରିବା ପାଇଁ ବିଏମ୍‌ସି ୧୦୦୦ ସ୍ୱେଚ୍ଛାସେବୀ ଓ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିଥିଲା। ସିନେ ତାରକା ଅର୍ଚ୍ଚିତା ସାହୁ, ବିଏମ୍‌ସି କମିଶନର ଚୌଧାରୀ ଓ ଜିଲାପାଳ ଖୋର୍ଦ୍ଧା ସୀତାଂଶୁ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିବା ସହ ନିଜେ ସଫେଇରେ ସାମିଲ ହୋଇ ଉତ୍ସାହିତ କରିଥିଲେ। ରଥଖଳାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରଥରୋଡ୍ ଦେଇ ମାଉସୀ ମା’ ମନ୍ଦିର ଯାଏ ଯାଇଥିଲେ। ଲିଙ୍ଗରାଜ ମନ୍ଦିର, ବିନ୍ଦୁ ସାଗର ଚତୁଃପାର୍ଶ୍ୱ, ଭଜନ ମଣ୍ଡପରୁ ଭାଇସୀମା ଛକ ରାସ୍ତା ଓ ଜ୍ଞାନୀ ଦୟାଲ ସିଂ ରାସ୍ତାକୁ ସଫେଇ କରାଯାଇଥିଲା। ଏଥିପାଇଁ ୫ ଟିମ୍ କରାଯାଇଥିବାବେଳେ ବିଏମ୍‌ସି, ବିଡିଏ ଓ ବିଏସ୍‌ସିଏଲର ଅଧିକାରୀ ଏବଂ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ। ଏହି ସାମୂହିକ ସଫେଇରେ ଛାତ୍ରୀଛାତ୍ର, ସ୍କାଉଡ୍ ଆଣ୍ଡ ଗାଇଡ୍‌ସ୍, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିଳ୍ପୀ, ଏସ୍ଏଚ୍‌ଜି, ସ୍ୱେଚ୍ଛାସେବୀ, ପ୍ରଗତିସାଥୀଙ୍କ ସମେତ ରାମକି, ପିଏମ୍‌ଆର୍, ଜାଗୃତି ଏବଂ ବିଭିନ୍ନ ବ୍ୟାଙ୍କ୍‌ର କର୍ମଚାରୀ ସାମିଲ ହୋଇଥିଲେ। ଏଥିସହ ବିଏମ୍‌ସିର ‘ମୁଁ ସଫେଇବାଲା ପ୍ରଚାର ରଥ’ ଅଞ୍ଚଳ ବୁଲି ସଚେତନ କରିଥିଲା।

### ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରେ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଲଜିଷ୍ଟିକ କମ୍ପାନୀ କାର୍ଯ୍ୟାଳୟର କମ୍ପ୍ୟୁଟରର ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ମହିଳା ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ବସ୍ତି ଅଞ୍ଚଳରେ ରହୁଥିବା ବି. ସୀତା ରେଡ୍ଡୀ। ପୋଲିସ ସୂଚନା ମୁତାବକ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଶ୍ରୀମାନ ଲଜିଷ୍ଟିକ କାର୍ଯ୍ୟାଳୟର କମ୍ପ୍ୟୁଟର ବ୍ୟାଟେରି, ହାର୍ଡଡିସ୍କ ଓ କିଛିଜରୁରୀ ସାମଗ୍ରୀ ଶନିବାର ରାତିରେ ଚୋରି ହୋଇଥିଲା। ବିଳମ୍ବିତ ରାତିରେ କାର୍ଯ୍ୟାଳୟରୁ ଚୋରି ସମ୍ପର୍କରେ ଜଣାପଡିବା ପରେ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ପ୍ରିୟବ୍ରତ ଜେନା ମଞ୍ଚେଶ୍ୱର ଥାନାରେ ଶନିବାର ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୮୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଅଭିଯୁକ୍ତ ବି. ସୀତାଙ୍କୁ ରବିବାର ଗିରଫ କରିବା ସହ ତାଙ୍କ ନିକଟରୁ କାର୍ଯ୍ୟାଳୟରେ ବ୍ୟବହୃତ କମ୍ପ୍ୟୁଟରର ମୂଲ୍ୟବାନ ସାମଗ୍ରୀ ଗୁଡ଼ିକୁ ଜବତ କରିଥିଲା।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରେ)**

ରାସ୍ତାରେ ଯାଉଥିବା ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଟଣୀ ଥାନା ଅନ୍ତର୍ଗତ ରାଜା ବଜାର ଅଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ମହାପାତ୍ର। ପୋଲିସ ସୂଚନା ମୁତାବକ, ୟୁନିଟ-୩ ଅଞ୍ଚଳରେ ଅସଦାଚରଣର ଶିକାର ମହିଳା ଜଣକ ରହୁଥିଲେ। ଶନିବାର ସନ୍ଧ୍ୟାରେ ଖାରବେଳନଗର ଥାନା ଅନ୍ତର୍ଗତ କ୍ୟାପିଟାଲ ହାଇସ୍କୁଲସ୍ଥିତ ଆଖଣ୍ଡଳମଣି ମନ୍ଦିର ରାସ୍ତା ଦେଇ ମହିଳା ଜଣକ ଚାଲିକି ଯାଉଥିଲେ। ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଅଟକାଇ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। ମହିଳା ଜଣକ ପାଟି କରିବାରୁ ଅଭିଯୁକ୍ତ ଦ୍ୱୟ ଦୌଡି ଫେରାର ହେବାକୁ ଉଦ୍ୟମ କରିଥିଲେ। ମାତ୍ର ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୩/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଟବଲା, ବୀଣାର ଫ୍ୟୁଜନରେ ମନ୍ଦିରର ଇତିହାସ

**ଅନନ୍ତ ବାସୁଦେବଙ୍କ ପ୍ରସାଦ ପାଇଲେ ପଦାଚାରୀ**



ଏକାମ୍ର କ୍ଷେତ୍ରରେ ପରିବେଷିତ ସଙ୍ଗୀତ କାର୍ଯ୍ୟକ୍ରମ।

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

୧୬୦ତମ ଏକାମ୍ର ପଦଯାତ୍ରା ରବିବାର ପୁରୁଣା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଏଜୁକେଶନ (ଆରଆଇଇ)ର ୨୦ ବିଇଡି ଛାତ୍ରୀଛାତ୍ର ପଦଯାତ୍ରାରେ ସାମିଲ ହୋଇଥିଲେ। ଖ୍ରୀଷ୍ଟପୂର୍ବ ଦଶମ ଶତାବ୍ଦୀରେ ନିର୍ମିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ପୁରୁଣା ଭୁବନେଶ୍ୱରରେ ରହିଥିବା ଐତିହ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ପରେ ତବଲା ଓ ବୀଣାର ଫ୍ୟୁଜନ୍‌ରେ ପାଶ୍ଚାତ୍ୟ ପରମ୍ପରା ଓ ମନ୍ଦିରର ଇତିହାସ ଜାଣିବାକୁ ପାଇଥିଲେ ସେମାନେ। ଐତିହ୍ୟ ପଦଯାତ୍ରୀମାନେ ପ୍ରଥମ ପରମେଶ୍ୱର ମନ୍ଦିର. ପରେ ବିନ୍ଦୁସାଗର ପୁଷ୍କରିଣୀ ଓ ଅନ୍ୟ ଐତିହାସିକ ସ୍ଥଳ ବୁଲିଥିଲେ। ପରେ ସେମାନେ ଅନନ୍ତ ବାସୁଦେବ ମନ୍ଦିର ଯାଇ ପ୍ରସାଦ ପ୍ରସ୍ତୁତି ବୁଲି ଦେଖିବା ସହ ସେବନ କରିଥିଲେ। କିପରି କେଉଁଥିରେ ପ୍ରସାଦ ପ୍ରସ୍ତୁତ ହେଉଛି ଓ କିପରି ଠାକୁରଙ୍କ ନିକଟରେ ଭୋଗ ଲାଗୁଛି ତାହା ସେବାୟତଙ୍କଠାରୁ ବୁଝିଥିଲେ। ଶେଷରେ ଧର୍ମଶାଳା ବୁଲିବ ସହ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି ଆର୍ଟ ଭିଜନ ଏକାଡେମୀ ବୁଲି ଦେଖିଥିଲେ। ଏକାଡେମୀରେ ପଦାଚାରୀଙ୍କ ପାଇଁ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକାମ୍ରକ୍ଷେତ୍ର ସହ ଜଡ଼ିତ ଥିବା ଓଡ଼ିଶୀ ନୃତ୍ୟର ଇତିହାସକୁ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି ବର୍ଣ୍ଣନା କରିଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ନୟାଗଡ଼ ଜିଲା ସରଣକୁଳ ଅନ୍ତର୍ଗତ କୋଟରମ, ଖଳିପାଟଣା ଗ୍ରାମର ୧୫ ପରିବାର ୧୪ ବର୍ଷ ହେଲା କଙ୍ଗାରୁ କୋର୍ଟର ଶିକାର ହୋଇ ନିଜ ଗ୍ରାମକୁ ଫେରିପାରୁନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏଭଳି ପ୍ରଥା ପ୍ରଚଳନ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସିଧାସଳଖ କଂଗ୍ରେସ ଟାର୍ଗେଟ କରିଛି। ୨୦୧୫ ସେପ୍ଟେମ୍ବର ୧୧ରେ ପ୍ରଧାନମନ୍ତ୍ରୀ ଏବଂ ସେହିମାସ ୧୫ ତାରିଖରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଘଟଣାର ସମାଧାନ ପାଇଁ ଆସିଥିବା ନିର୍ଦ୍ଦେଶକୁ ଚାପିରଖିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୃହରେ ଉପସ୍ଥାପିତ ନ କରି ବାରମ୍ବାର ମିଥ୍ୟା ତଥ୍ୟ ଦେଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ନେତା ନିଶିକାନ୍ତ ମିଶ୍ର ଦାବି କରିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି, ଗ୍ରାମରୁ ବିତାଡିତ ପରିବାରଙ୍କୁ ନେଇ ଗୃହମନ୍ତ୍ରୀ ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି ତାହା ଭୁଲ। ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ ଥରେ ମଧ ଆମ ସହ ଯୋଗାଯୋଗ କରିନାହାନ୍ତି ବୋଲି ଗ୍ରାମରୁ ୧୫ ବର୍ଷ ହେଲା ବିତାଡିତ ହୋଇଥିବା ଯୁଧିଷ୍ଠିର କରଣ କହିଛନ୍ତି। କାହା ଇଙ୍ଗିତରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସରକାର ଚାପି ରଖିଥିଲେ। ଶାନ୍ତି କମିଟି ଗଠନ ପାଇଁ ମାନବାଧିକାର ଡିଜିଙ୍କ ନିର୍ଦ୍ଦେଶକୁ ସରକାର କାହିଁକି ଚାପି ରଖିଛନ୍ତି। ନୟାଗଡ଼ ଜିଲାପାଳ,ଏସପିଙ୍କୁ ଶାନ୍ତି କମିଟି ଗଠନ କରି ଗାଁ ଛାଡିଥିବା ପରିବାରଙ୍କୁ ଥଇଥାନ କରିବା ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାରେ ସରଣକୁଳ ଥାନାରେ ୧୬ରୁ ଅଧିକ ମାମଲା ରୁଜୁ ହେଇଥିବାସ୍ଥଳେ ମାତ୍ର ୧୦ ମାମଲା ରୁଜୁ ହେଇଥିବା କଥା କେମିତି ଗୃହମନ୍ତ୍ରୀ ବିଧାନସଭାରେ କହିଲେ ବୋଲି ନିଶିକାନ୍ତ ପ୍ରଶ୍ନ କରିଛନ୍ତି।

### ମଦ୍ୟପାନକୁ ବିରୋଧ କରିବାରୁ ଆକ୍ରମଣ, ୨ ଯୁବକ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରେ)**

ଘର ଆଗରେ ମଦ୍ୟପାନକୁ ବାରଣ କରିବାରୁ ଯୁବକଙ୍କୁ ଆକ୍ରମଣ କରିଥିବା ୨ଅଭିଯୁକ୍ତଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କେଳାସାହି ବସ୍ତି ଅଞ୍ଚଳର ଦିନେଶ ଦାସ ଓ ଶ୍ରୀକାନ୍ତ ମଙ୍ଗରାଜ। ଉକ୍ତ ବସ୍ତିରେ ରହୁଥିବା କୈବଲ୍ୟ ସ୍ୱାଇଁଙ୍କ ଘର ଆଗରେ ଶନିବାର ରାତିରେ ୨ ଅଭିଯୁକ୍ତ ମଦ୍ୟପାନ କରୁଥିଲେ। ଏହାକୁ କୈବଲ୍ୟ ବିରୋଧ କରିବାରୁ ୨ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ବଢିଥିଲା। ୨ ଅଭିଯୁକ୍ତ ଉତ୍କ୍ଷିପ୍ତ ହୋଇ କୈବଲ୍ୟଙ୍କୁ ମାଡମାରି ଫେରାର ହୋଇଯାଇଥିଲେ। କୈବଲ୍ୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୮/୨୦ରେ ମାମଲା ରୁଜୁ କରି ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।



ପୁରୀ ସ୍ୱର୍ଗଦ୍ୱାର ବେଳାଭୂମି ମହୋଦଧି ଅମାବାସ୍ୟା ପାଇଁ ଅମାବାସ୍ୟା ନାରାୟଣ ମହୋଦଧିଙ୍କ ନୀତି ସମର୍ପଣ କରାଯାଉଛି।




ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ରବିବାର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଯାଉଛି।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ମଙ୍ଗଳା ମନ୍ଦିର ମୁଖଶାଳାରେ ଫାଟ -ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ

କାକଟପୁର,୨୩।୨(ଡି.ଏନ.ଏ)- ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିର ମୁଖଶାଳାର ଦକ୍ଷିଣ ଦ୍ୱାର ଉପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହା ଆଗକୁ ଯେଭଳି ବଡ଼ ଫାଟ ନ ହେବ ଏବଂ ଏହାର ରକ୍ଷଣାବେକ୍ଷଣ ଖୁବଶୀଘ୍ର ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଅସ୍ତରଙ୍ଗର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହାସହ ପର୍ଯ୍ୟଟନ ବିଭାଗ, ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗକୁ ମା'ଙ୍କ ଚୈତ୍ର ମଙ୍ଗଳବାର ପାଞ୍ଚ ପାଳି ଯାତ୍ରା ଅଛି। ଏବେଠାରୁ ଏହି ଫାଟ ସମ୍ପର୍କରେ ଦୃଷ୍ଟି ନ ଦେଲେ ଆଗକୁ କ'ଣ ଅଘଟନ ଘଟିବ କହିହେବ ନାହିଁ।

### ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ବୈଠକ

କାକଟପୁର,୨୩।୨(ଡି.ଏନ.ଏ)- କାକଟପୁରସ୍ଥ ମା'ମଙ୍ଗଳା ଆଇଟିସି ପରିସରରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, କାକଟପୁର ଶାଖାର ୭୫ତମ ବୈଠକ ଉକ୍ତ ଶାଖାର ସଭାପତ କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାଚୀ ନଦୀକୁ ପ୍ରଦୂଷଣ ମୁକ୍ତ, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରକୁ ପୁନଃ ଯାଞ୍ଚ କରାଯାଇ କ୍ଷତିପୂରଣ ପ୍ରଦାନ, ପ୍ରାଚୀ କ୍ଷେତ୍ରରୁ ଅର୍କକ୍ଷେତ୍ର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ ଆଦି ଦାବି ସରକାରଙ୍କୁ ଜଣାଇବାକୁ ଆଲୋଚନା ହୋଇଥିଲା। କାକଟପୁର ଅଞ୍ଚଳକୁ ପରିଷ୍କାର, ପରିବେଶକୁ ସ୍ୱଚ୍ଛ ରଖିବା ସହ ବାକି ରହିଥିବା ପରିବାରକୁ ପାଇଖାନା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବ। ଏହି ବୈଠକରେ ୩୦ରୁ ଉର୍ଦ୍ଧ୍ୱ ସଭ୍ୟ ଯୋଗ ଦେଇଥିଲେ।

### ମାତୃ ସମ୍ମିଳନୀ ଓ କର୍ମଶାଳା

ପୁରୀ ଅଫିସ,୨୩।୨ : ହରଚଣ୍ଡି ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ମାତୃ ସମ୍ମିଳନୀ ଓ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଟ୍ରାଫିକ ଡିଏସପି ମନୋବ୍ରତା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ ଯେ, ଶିଶୁର ଶୈକ୍ଷିକ ବିକାଶରେ ମାଆମାନଙ୍କ ବିଶେଷ ଭୂମିକା ରହିଛି। ଭାରତ ବର୍ଷର ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ସଫଳତା ପଛରେ ସେମାନଙ୍କ ମାଆଙ୍କ ଆର୍ଶୀବାଦ ଓ ପ୍ରେରଣା ରହିଛି ବୋଲି ସେ କହିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଚିନ୍ମୟୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ପରିଚାଳନା ସମିତି ଉପସଭାପତି ଦୀନବନ୍ଧୁ ତ୍ରିପାଠୀ, ସଦସ୍ୟା ସ୍ୱର୍ଣ୍ଣଲତା ଦାଶ ପ୍ରମୁଖ ଯୋଗଦେଇ ଶିଶୁର ଭବିଷ୍ୟତ ଗଠନରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ କହିଥିଲେ। ଏହି ଅବସରରେ ଯୋଗଦେଇଥିବା ମା' ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

# ୨୮ରେ ନନ୍ଦୀର ବ୍ରତୋପନୟନ, ବିବାହ ଉତ୍ସବ

- ବୈଦିକ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ଲକ୍ଷ୍ୟ
- କନ୍ୟାପକ୍ଷ ସାଜିବେ ପରମହଂସ ପ୍ରଜ୍ଞାନାନନ୍ଦଜୀ

**ପୁରୀ ଅଫିସ,୨୩।୨ :**

ଭାରତୀୟ ବୈଦିକ ସଂସ୍କୃତିକୁ ଆଧାର କରି ଆଗାମୀ ଫେବୃୟାରୀ ୨୮ରେ ନନ୍ଦୀ ବ୍ରତୋପନୟନ ଓ ବିବାହ ମହୋତ୍ସବ ଆୟୋଜନ କରିଛି ପୁରୀ ସଦର ଚନ୍ଦନରପୁର ନିକଟ ଆଳପୁରସ୍ଥିତ ସୂର୍ଯ୍ୟାୟନ ଗୋ ଆଶ୍ରମ। ରବିବାର ହୋଟେଲ ସାଗର ତରଙ୍ଗଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଗୋ ଆଶ୍ରମର ପ୍ରତିଷ୍ଠାତା ସଂସ୍ଥାପକ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ ଶର୍ମା। ସେ କହିଲେ ଯେ, ଉକ୍ତ ଦିନ ଆଶ୍ରମ ପରିସରରେ ନନ୍ଦୀର ବ୍ରତୋପନୟନ ସଂସ୍କାର କରାଯିବ। ସନ୍ଧ୍ୟାରେ ଶରଧାବାଲିର ଏକ ଭବ୍ୟ ବିବାହ ମଣ୍ଡପରେ ନନ୍ଦୀର ବିବାହ ଆୟୋଜନ କରାଯିବ। ନନ୍ଦୀ ଲାଗି ହରିହରାନନ୍ଦ ଗୁରୁକୁଳସ୍ଥିତ ଗୋଶାଳାର ସୁରଭି ସହ ଏହି ବିବାହ ଉତ୍ସବ ସମ୍ପନ୍ନ ହେବ। ଏଥିଲାଗି ପରମହଂସ ପ୍ରଜ୍ଞାନାନନ୍ଦ ଗିରି କନ୍ୟାପକ୍ଷ ଦାୟିତ୍ୱ ଗ୍ରହଣ କରିବେ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

ବୈଦିକ ପରମ୍ପରାନୁଯାୟୀ ଆଶ୍ରମ ପରିସରରେ ନନ୍ଦୀର ଚାରିକର୍ମ ସଂସ୍କାର କରାଯିବ। ୨୮ତାରିଖି ପୂର୍ବାହ୍ନ ୧୧ଟାରେ ଉପୋନୟନ କାର୍ଯ୍ୟ ସମାପ୍ତ ହେବ। ସନ୍ଧ୍ୟାରେ ବିବାହ ଉତ୍ସବ ଲାଗି ନନ୍ଦୀକୁ ପ୍ରସ୍ତୁତ କରାଯିବ। ମଥାରେ ମୁକୁଟ, କର୍ଣ୍ଣରେ କୁଣ୍ଡଳ, ପିଠିରେ ଉପଢୋକନ ଦେଇ ନନ୍ଦୀକୁ ବରବେଶରେ ସଜ୍ଜିତ କରାଯିବ। ଅପରାହ୍ନରେ ଗୁଣ୍ଡିଚା ମନ୍ଦିରଠାରୁ ବରଯାତ୍ରୀ ଶୋଭାଯାତ୍ରା ବାହାରି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରତ୍ୟାବର୍ତ୍ତନ କରିବ। ଶୋଭାଯାତ୍ରାରେ ବହୁ ସାଧୁସନ୍ଥ, ଗୋପ୍ରେମୀ, ପାରମ୍ପରିକ ବାଦ୍ୟଯନ୍ତ୍ର, ଦୁଲଦୁଲି, ଘୋଡାନାଚ, ଘୁଡିକି ପ୍ରଭୃତି ସାମିଲ ହେବ। ନନ୍ଦୀର ବ୍ରତପୋନୟନ ଓ ବିବାହ ଉତ୍ସବ ଲାଗି ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଥିଲା। ପରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଆଶୀର୍ବଚନ ନିଆଯାଇଥିଲା। ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯିବ। ଏଥିସହିତ ଉକ୍ତ ଅଞ୍ଚଳର ବ୍ୟକ୍ତିବିଶେଷ, ଗୋପ୍ରେମୀ, ଗୋଶାଳା ଅନୁଷ୍ଠାନଗୁଡିକୁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି। ଶାସ୍ତ୍ରନୁମୋଦିତ ଏହି ପରମ୍ପରାକୁ ଉଜ୍ଜୀବିତ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋ ଆଶ୍ରମର ଅଧକ୍ଷା ଶ୍ୟାମା ଶୁଭଦର୍ଶିନୀ ମିଶ୍ର, ଗୁରୁ ପ୍ରସାଦାନନ୍ଦଜୀ ସରସ୍ୱତୀ, ନ୍ୟାସ କମିଟି ସଦସ୍ୟ ଶରତ ଜୟସିଂ, ଅନିଲ କୁମାର ଦାଶ, ଗଣେଶ ମହାସୁଆର, ମାନସ ମିଶ୍ର, ଗୋବିଜ୍ଞାନୀ ସଂଗ୍ରାମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା




ବିଭିନ୍ନ ବ୍ୟବସାୟୀ ସଂଘ ଓ ନିମାପଡା ପୋଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା କରାଯାଉଛି ।

**ନିମାପଡ଼ା,୨୩।୨(ଡି.ଏନ.ଏ)**

ନିମାପଡ଼ା ଥାନାର ଆମ ପୋଲିସ ସମିତି ପକ୍ଷରୁ ରବିବାର ଟ୍ରାଫିକ ସଚେତନତା ଅଭିଯାନ, ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଲିସ ଏସଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଶତାଧିକ ଶୋଭାଯାତ୍ରାକାରୀଙ୍କ ଗହଣରେ ଛକ, ବଜାର ବୁଲି ଟ୍ରାଫିକ ସଚେତନତା ସମ୍ପର୍କରେ ବାର୍ତ୍ତା ବାଣ୍ଟିଥିଲେ। ସମସ୍ତେ ଟ୍ରାଫିକ ନିୟମ ମାନିବା, ଅଯଥାରେ ମୁଖ୍ୟରାସ୍ତାରେ ଗାଡି ପାର୍କିଂ ନ କରିବା, ଓ୍ୱାନୱେ ଟ୍ରାଫିକ ବ୍ୟବସ୍ଥା ମାନିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ବିଭିନ୍ନ ଜନଗହଳିପୂର୍ଣ୍ଣ ଛକ, ବଜାରରେ ଥିବା ଦୋକାନ ସମ୍ମୁଖରେ ଗାଡ଼ି ନ ରଖିବା, ହେଲମେଟ ପିନ୍ଧିବା ଆଦି ନିୟମ ସମ୍ପର୍କରେ ପୋଲିସ ଏସଡିପିଓ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା। ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, କପିଳ ସାହୁ, ଗୌରାଙ୍ଗ ସାହୁଙ୍କ ସମେତ ସ୍ଥାନୀୟ ବ୍ୟବସାୟୀ ସଂଘ, ଜୁଏଲାରୀ ସଂଘ, ବସ୍, ଟ୍ରକ, ଅଟୋ ମାଲିକ ସଂଘ, ମତ୍ସ୍ୟ, ପରିବା ବ୍ୟବସାୟୀ ସଂଘ ସମେତ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ତଥ୍ୟ ସଂଗ୍ରହ କଲେ ୩ ଜଣିଆ ପ୍ରତିନିଧି

## କଂଗ୍ରେସ କାର୍ଯ୍ୟାଳୟ ଗଣ୍ଡଗୋଳ ପ୍ରସଙ୍ଗ

**ପୁରୀ ଅଫିସ,୨୩।୨:**

ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗତ ୧୭ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ଗୁରୁତର ସହ ନେଇଛି ପ୍ରଦେଶ କଂଗ୍ରେସ କମିଟି (ପିସିସି)। ଦଳର ମୁଖିଆମାନଙ୍କ ଉପସ୍ଥିତିରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ତଦନ୍ତ ଲାଗି ରବିବାର ପିସିସି ପକ୍ଷରୁ ତିନିଜଣିଆ ପ୍ରତିନିଧି ପୁରୀ ଆସିଥିଲେ। ଦଳର ନେତୃତ୍ୱ ବଟକୃଷ୍ଣ ତ୍ରିପାଠୀ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବିଶ୍ୱଭୂଷଣ ଦାସ ପ୍ରଥମେ ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନରେ ପହଞ୍ଚିଥିଲେ। ସେଠାରେ ଜିଲାର ଦଳୀୟ ନେତୃତ୍ୱଙ୍କୁ ଭେଟିଥିଲେ। ପ୍ରତ୍ୟେକଙ୍କଠାରୁ ସେଦିନର ଘଟଣା ବିଷୟରେ ପଚାରି ବୁଝିଥିଲେ। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ପ୍ରତିନିଧିମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ଏବଂ ଯେଉଁମାନେ ଏଭଳି କାଣ୍ଡ ଭିଆଇଛନ୍ତି ସମସ୍ତଙ୍କୁ ଗିରଫ କରାଯାଇ ନାହିଁ ବୋଲି କହିଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟରେ କିଛି ଅସାମାଜିକ ଯୁବକ ବସାଉଠା କରୁଥିବା ଖବର ମିଳିଛି। ପୋଲିସ ଏହା ଉପରେ ନଜର ରଖିଛି। ବିଭିନ୍ନ ସମୟରେ ପାଟ୍ରୋଲିଂ ଗାଡି ବି କାର୍ଯ୍ୟାଳୟ ଆଡ଼େ ଯିବ ବୋଲି କହିଥିଲେ। ଏହାପରେ କମିଟି କୁମ୍ଭାରପଡ଼ା ଥାନା ଆଇଆଇସିଙ୍କ ସହ ମଧ୍ୟ ଆଲୋଚନା କରିଥିବା ଜଣାପଡିଛି। ସୂଚନାଥାଉ କି, ପୁରୀ ଜିଲା କଂଗ୍ରେସ ଘିଚିକୁ ସଜାଡ଼ିବା ଲାଗି ଗତ ୧୭ତାରିଖରେ ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ହୋଇଥିଲା ସାଙ୍ଗଠନିକ ସମୀକ୍ଷା ବୈଠକ। ଏଥିରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ସମ୍ପାଦକ ରୁଦ୍ର ରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ମୁଖିଆମାନେ ଯୋଗଦେଇଥିଲେ । ହେଲେ ସେଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, କଥା କଟାକଟି ହୋଇ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଗୋଟିଏ ଗୋଷ୍ଠୀ ଯୁବକଙ୍କ ଲୁହା ରଡ଼ ମାଡ଼ରେ ଅନ୍ୟ ଏକ ଗୋଷ୍ଠୀର ୩ ଯୁବକ ଗୁରୁତର ହୋଇପଡ଼ିଥିଲେ।




ଭାରତ ଗସ୍ତରେ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିତ୍ର ତୂଳୀରେ ଆଙ୍କି ସ୍ୱାଗତ ଜଣାଉଛନ୍ତି ସିଦ୍ଧାର୍ଥ ଦାସ ।

# ନଭେମ୍ବର ୨୭ରେ ବିଶାଳ ହନୁମାନ ଚାଳିଶା ମହାଯଜ୍ଞ

**ପୁରୀ ଅଫିସ,୨୩।୨ :**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଭବ୍ୟ ହନୁମାନ ଚାଳିଶା ପାଠ ଉଦ୍ଦେଶ୍ୟରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଆୟୋଜନ କରୁଛି ବିଶାଳ ହନୁମାନ ଚାଳିଶା ମହାଯଜ୍ଞ। ଆସନ୍ତା ନଭେମ୍ବର ୨୭ରୁ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଏହି ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ରବିବାର ପୁରୁଷୋତ୍ତମ ବାଟିକାରେ ଏହି ଯଜ୍ଞର ଶୁଭାରମ୍ଭ ଅବସରରେ ଓଆଇସିର ଅଧ୍ୟକ୍ଷ ପରେଶ ନାୟକ କହିଛନ୍ତି। ରବିବାର ସକାଳ ସମୟରେ ମହାପ୍ରଭୁଙ୍କ ଆଜ୍ଞାମାଳକୁ ଧରି ଏକ ଶୋଭାଯାତ୍ରା ବାହାରି ପୁରୁଷୋତ୍ତମ ବାଟିକାରେ ପହଞ୍ଚିଥିଲେ। ସେଠାରେ ଏହି ମହାଯଜ୍ଞ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୨୫ହଜାର ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ୧୦୮ଟି ଯଜ୍ଞକୁଣ୍ଡରେ ୧୦୮ ହନୁମାନ ଚାଳିଶା ପାଠ କରାଯିବ। ଏହି ଯଜ୍ଞରେ



ବିଶାଳ ହନୁମାନ ଚାଳିଶା ମହାଯଜ୍ଞ ପାଇଁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନିଆଯାଉଛି ।

୫ହଜାର କଳସ ସ୍ଥାପନ କରାଯିବ। ୫ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଯୋଗଦେବେ। ବିନା ସ୍ୱାର୍ଥରେ ରାଷ୍ଟ୍ରୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ଓଡ଼ିଶାର ୧୫ହଜାରରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ପୁସ୍ତିକା ପ୍ରକାଶ ପାଇବ। ଓଡ଼ିଶାର ସମସ୍ତ ହନୁମାନ ମନ୍ଦିରର ଫଟୋ ପ୍ରଦର୍ଶନ କରାଯିବ। ଏହି ଯଜ୍ଞର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟର ୩୧୪ବ୍ଲକରେ ହନୁମାନ ଗାଡି ପରିକ୍ରମା କରିବ। ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ଗୁରୁ, ବାବା ଅନନ୍ତ ଦାସ, ସୀତାରାମ ବାବା, ପ୍ରଶାନ୍ତ ମିଶ୍ର, ଜୟପ୍ରକାଶ ମିଶ୍ର, ବିଜୟ ଦାଶ, ଉଦୟ ଶାନ୍ତି, ଭାବଗ୍ରାହୀ ଶାନ୍ତି, କିଷନ ଟିକ୍‌ମାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଭାଗବତ ସପ୍ତାହ

**ସାକ୍ଷୀଗୋପାଳ,୨୩।୨(ଡି.ଏନ.ଏ)**

ସାକ୍ଷୀଗୋପାଳ ମନ୍ଦିରରେ ଚାଲିଥିବା ସପ୍ତାହ ବ୍ୟାପି ଶ୍ରୀମଦ ଭାଗବତ ପାଠ ରବିବାର ଉଦ୍‌ଯାପିତ ହୋଇଛି। ସମାଜରେ ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି ସହ ଆଧାତ୍ମିକ ଭାବନା ପ୍ରତି ଲୋକମାନଙ୍କର ଆଗ୍ରହ ନିମନ୍ତେ ବିଭିନ୍ନ ମଠ ମନ୍ଦିରରେ ଖୋର୍ଦ୍ଧା ଜିଲା ଭିଙ୍ଗାରପୁର ଅଞ୍ଚଳର ଶୁକଦେବ ଦାସ, ବାବାଜି ଅଭିରାମ ଦାସ, ସୁରେନ୍ଦ୍ର ଦାସ, ପରମାନନ୍ଦ ଦାସ ଓ ବ୍ରଜବନ୍ଧୁ ଦାସ ମିଳିତ ଭାବେ ଭାଗବତ ସପ୍ତାହ ଆୟୋଜନ କରିଛନ୍ତି। କଟକ ଜିଲା ସାଇଲୋ ଗୋବିନ୍ଦପୁର ମା' ଭଗବତୀଙ୍କ ପୀଠରୁ ଭାଗବତ ସପ୍ତାହ ଆରମ୍ଭ କରି ଇତିମଧ୍ୟରେ ଅଡସପୁର ମାଧବାନନ୍ଦ ମଠ, କେନ୍ଦୁବିଲ ଜୟଦେବ ପୀଠ, କଣ୍ଟିଲୋ ନୀଳମାଧବ ପୀଠ, ବଡ଼ମ୍ବା ଭଟ୍ଟାରିକା ପୀଠ ପରେ ସାକ୍ଷୀଗୋପାଳ ମନ୍ଦିରରେ ଭାଗବତ ସପ୍ତାହ ଶେଷ ହୋଇଛି। ଏହାପରେ ଭାଗବତ ରଚୟିତା ଅତିବଡ଼ୀ ଶ୍ରୀଜଗନ୍ନାଥ ଦାସଙ୍କ ସାଧନାପୀଠ ଶ୍ରୀକ୍ଷେତ୍ରର ସାତଲହଡ଼ି ମଠରେ ଭାଗବତ ପାଠ କରାଯିବ। ଏହି ଧାର୍ମିକ କାର୍ଯ୍ୟରେ ମଠ, ମନ୍ଦିର ସହ ସ୍ଥାନୀୟ ଲୋକେ ସାହଯୋଗର ହାତ ବଢ଼ାଇଛନ୍ତି ବୋଲି ସେମାନେ କହିଛନ୍ତି।

# ଦତ୍ତୋପନ୍ତ ଠେଙ୍ଗେଜୀଙ୍କ ଜନ୍ମଶତବାର୍ଷିକୀ ସମାରୋହ

## ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥ ଗୁରୁତ୍ୱ ଦିଅ

**ପୁରୀ ଅଫିସ,୨୩।୨ :**

ଭାରତୀୟ ମଜଦୁର ସଂଘ(ବିଏମଏସ)ର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗେଜୀଙ୍କ ଜନ୍ମଶତବାର୍ଷିକୀ ସମାରୋହ ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ବିଏମଏସ ପୁରୀ ଜିଲା ସଭାପତି ବିଣାପାଣୀ ପଣ୍ଡାଙ୍କ ସଭାପତିତ୍ୱରେ ମଜଦୁର ସଂଘ ଉତ୍କଳ ପ୍ରାନ୍ତ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଆରଏସ୍‌ଏସ୍ ଉତ୍କଳ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟଅତିଥି ତ୍ରିପାଠୀ କହିଲେ ଯେ, ଭାରତୀୟତା ହେଉଛି ରାଷ୍ଟ୍ରୀୟତା। ଶ୍ରମିକଙ୍କ ମଧ୍ୟରେ ରାଷ୍ଟ୍ରୀୟ ଚେତନା, ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ମଜଦୁର ସଂଘ ଲକ୍ଷ୍ୟ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରବାଦ ଓ ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତୁ। ଦତ୍ତେପନ୍ତ ଠେଙ୍ଗେଜୀ ଶ୍ରମିକମାନଙ୍କ ସାମଗ୍ରିକ ବିକାଶ ଏବଂ ଏକତା ସୂତ୍ରରେ ବାନ୍ଧି ରଖିବା ନେଇ ଚିନ୍ତନ କରୁଥିଲେ। ସେ ଜୀବନବ୍ୟାପୀ ଶ୍ରମିକଙ୍କ ବିକାଶ ଲାଗି କାର୍ଯ୍ୟ କରିଛନ୍ତି। ସାରା ଭାରତବର୍ଷ ପରିଭ୍ରମଣ କରି ଶ୍ରମିକମାନଙ୍କୁ ଏକଜୁଟ କରିବା ସହ ସେମାନଙ୍କୁ ରାଷ୍ଟ୍ର ମାର୍ଗରେ ପରିଚାଳିତ ଲାଗି ପ୍ରୟାସ କରିଛନ୍ତି। ଶ୍ରମିକଙ୍କ ଲାଗି ସେ ଜଣେ ଉଜ୍ଜ୍ୱଳ ତାରକା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ସାହୁ ଠେଙ୍ଗେଜୀଙ୍କ ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋକପାତ କରି କହିଥିଲେ, ସେ ଜଣେ ଆଜନ୍ମ ଦେଶଭକ୍ତ ଥିଲେ। ଯୁବବସ୍ଥାରେ ରାଷ୍ଟ୍ରର କଲ୍ୟାଣ ଲାଗି ନିଜକୁ ଉତ୍ସର୍ଗ କରିଥିଲେ। ଆରଏସ୍‌ଏସ୍‌ର ଦ୍ୱିତୀୟ ସଂଘ ଚାଳକ ଗୁରୁଜୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ପ୍ରଚାରକ ଭାବେ ଜୀବନ ଆରମ୍ଭ କରି ରାଷ୍ଟ୍ରହିତ ଲାଗି କାର୍ଯ୍ୟ କରୁଥିଲେ ବୋଲି ସେ କହିଥିଲେ। ଜିଲା ସମ୍ପାଦକ ଡ.କମଳକାନ୍ତ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନାରେ ବଟକୃଷ୍ଣ ପ୍ରଧାନ, ଭବାନୀ ମିଶ୍ର, ସୁଦର୍ଶନ ରାଉଳ, ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଅଙ୍ଗଦାନ ସଚେତନତା ଶୋଭାଯାତ୍ରା

**ପୁରୀ ଅଫିସ,୨୩।୨:**

ଶରୀର ଓ ଅଙ୍ଗଦାନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ରୋଟାରୀ କ୍ଲବ ପୁରୀ ସାଗର ପକ୍ଷରୁ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ସିଂହଦ୍ୱାର ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକୁ ରୋଟାରିଆନ ଡ. ପ୍ରଭାସ ଆଚାର୍ଯ୍ୟ ଏବଂ ଭିତରଛୁ ଭବାନୀଶଙ୍କର ମହାପାତ୍ର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଜଣେ ଅଙ୍ଗଦାତା, ୮ ଜଣଙ୍କ ଜୀବନ ଦାତା, ଅଙ୍ଗଦାନ ମହତ ଦାନ ଆଦି ଲେଖାଥିବା ପ୍ଲାକାର୍ଡ ଧରି ବଡ଼ଦାଣ୍ଡରେ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ରାଣୀସତୀ ମଣ୍ଡପରେ ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। କ୍ଲବର ଚେୟାରମ୍ୟାନ ହିମାଂଶୁ ମୋହନ ମହାନ୍ତି, ସଭାପତି ଅଶୋକ ପାତ୍ର, ସମ୍ପାଦକ ଧବଳେଶ ମହାପାତ୍ର, ପ୍ରଭୁଦତ୍ତ ସୁବୁଦ୍ଧି, ଶରୀର ଏବଂ ଅଙ୍ଗଦାନ




ରୋଟାରୀ କ୍ଲବ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଅଭିଯାନର ଜିଲା ଅଧ୍ୟକ୍ଷ ବିକ୍ରମାଦିତ୍ୟ ନାୟକ, ସର୍ବଭାରତୀୟ ଶରୀର ଏବଂ ଅଙ୍ଗଦାନ ସଙ୍ଗଠନ ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସେବାୟତ ମହାବୀର ଖୁଣ୍ଟିଆ ନିଜ ଅଙ୍ଗଦାନ କରିବା ପାଇଁ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ପୂର୍ବରୁ ଅଙ୍ଗଦାନ କରିବା ପାଇଁ ଘୋଷଣା କରିଥିବା ସ୍ନେହା ନନ୍ଦଙ୍କ ସମେତ ଆଇଏମ୍‌ଟି ଫାର୍ମାସୀ କଲେଜ ଛାତ୍ରୀଛାତ୍ର, ହୋପ୍ ଇଜ୍ ଲାଇଫ, ଆଦିତ୍ୟ ବାହିନୀ, ସାହିଭାଇ, ମିଶନ ଓଡ଼ିଶା, ପୁରୀ ଜିଲା ଓକିଲ ସଂଘ, ସମର୍ପଣ, ରେଡ୍‌କ୍ରସ, ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଓ ନିର୍ମାଲ୍ୟ ଆଦି ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଚନ୍ଦନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସରୋଜ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାୱାର ପଏଣ୍ଟ ମାଧ୍ୟମରେ ଅଙ୍ଗଦାନ ସମ୍ପର୍କରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଯାଇଥିଲା ।

# ଆଞ୍ଚଳିକ ଶିଳ୍ପ ଓ ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀ ଉଦ୍‌ଘାଟିତ

**କୋଣାର୍କ,୨୩।୨(ଡି.ଏନ.ଏ.)**

କୋଣାର୍କସ୍ଥିତ ରିଙ୍ଗରୋଡ୍‌ଠାରେ ରବିବାର ସନ୍ଧ୍ୟାରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର, ଓ ମଧ୍ୟମ ବିକାଶ ପ୍ରତିଷ୍ଠାନ, ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହାୟତାରେ ଅରୂପା ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଆଞ୍ଚଳିକ ଶିଳ୍ପ ଓ ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୁରୀ ଜିଲା ଯାଦବ ମହାସଂଘର ସଭାପତି ଗୋପାଳଚନ୍ଦ୍ର ବେହେରା, ରାଜ୍ୟ ଅଣୁ, କ୍ଷୁଦ୍ର




ପ୍ରଦର୍ଶନୀ ମଞ୍ଚରେ ଯୋଗଦେଇଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥି।

ଓ ମଧ୍ୟମ ଶିଳ୍ପ ଉଦ୍ୟୋଗର ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ସାହୁ, ନାବାର୍ଡର ଡିଡିଏମ ତାପସ ପ୍ରଧାନ, ବିକେ ମହାରଣା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ବିଭାଗ ଓ ଅରୂପା ଦ୍ୱାରା ଉଦ୍ୟୋଗୀ ପ୍ରତିଷ୍ଠାନ ଓ ହସ୍ତଶିଳ୍ପ କାରୀଗରମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ପାଇଁ ଏକ ପ୍ରଶସ୍ତ ବଜାର ସୃଷ୍ଟି ହେବା ସହ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱାରୋପ କରିବ ବୋଲି ବକ୍ତାମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦର୍ଶନୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅର୍କଶ୍ରୀର ସମ୍ପାଦକ ତଥା ଅରୂପାର ଉପଦେଷ୍ଟା ଉମେଶ ଚନ୍ଦ୍ର ସ୍ୱାଇଁ କହିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ତଥା ଓଡ଼ିଶା ବହାରୁ ୮୦ରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ସାମଗ୍ରୀକୁ ନେଇ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏଥିରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ଖବରଦାତା ଓ ସ୍ୱୟଂସହାୟକ ଗୋଷ୍ଠୀର ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ପ୍ରେମୀ ଯୋଗଦେଇଥିଲେ। ଅର୍କଶ୍ରୀର କାର୍ଯ୍ୟକ୍ରମ ଅଧିକାରୀ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅରୂପାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।